୭-୧୩ ଡିସେମ୍ବର , ୨୦୨୫

ସକାଳ
THE SAKALA

ରବିବାର
ସିନ୍ଦୁର

- ମହିଳା ହିଂସାର ବାସ୍ତବତା
- ନାରୀ ସଂଘର୍ଷ ଓ ନିର୍ଯାତନା
- ମାନସ୍ତାତ୍ତ୍ୱିକ ଦୃଷ୍ଟିରୁ ମହିଳା ହିଂସା
- ମହିଳା ହିଂସା ପାଇଁ ଆଇନ





# କାହିଁକି ମହିଳା ହିଂସା



# କାହିଁକି ମହିଳା ହିଂସା ?

ନାରୀ ଯୁଗେ ଯୁଗେ ବନ୍ଦନୀୟା, ପୂଜନୀୟା । ନାରୀର ନାନା ରୂପ । ସେ ଜାୟା, ଭଗିନୀ, ଜନନୀ । ପ୍ରାଚୀନ କାଳରୁ ମହିଳାମାନେ ବିଭିନ୍ନ ଭାବେ ପୂଜିତ । ତେବେ ଏକଥା ମଧ୍ୟ ସତ୍ୟ ପୁରାଣକାଳରୁ ମହିଳାମାନେ ନିର୍ଯାତିତ ହୋଇ ଆସୁଛନ୍ତି । ଇତିହାସ, ପୁରାଣରେ ମଧ୍ୟ ନାରୀ ନିର୍ଯାତନାର କଥା ବର୍ଣ୍ଣିତ । ଆଧୁନିକ ନାରୀ ଯେତେ ଶିକ୍ଷିତ, ବଡ଼ ପଦପଦବିରେ ଆସୀନ ହେଲେ ସୁଦ୍ଧା ସେମାନଙ୍କ ପ୍ରତି ନିର୍ଯାତନା ହ୍ରାସ ପାଇ ନାହିଁ । ଆଜି ସବୁ କ୍ଷେତ୍ରରେ ପୁରୁଷ ସହିତ ମହିଳାମାନେ ସମକକ୍ଷ । କେତେକ କ୍ଷେତ୍ରରେ ସେମାନେ ପୁରୁଷମାନଙ୍କଠାରୁ ବହୁ ଆଗରେ । ତଥାପି ଆଧୁନିକା ନାରୀ ହିଂସାର ଶିକାର ହେବାରେ ଲାଗିଛି । ଘରେ, ବାହାରେ, କର୍ମକ୍ଷେତ୍ର ସବୁଠାରେ ମହିଳାମାନେ ନିର୍ଯାତନା ଭୋଗୁଛନ୍ତି । ଛୋଟ ଝିଅଠାରୁ ଆରମ୍ଭ କରି ବୟସ୍କା ମହିଳାଙ୍କ ପର୍ଯ୍ୟନ୍ତ ସମସ୍ତେ ନାନା ଭାବେ ବିଭିନ୍ନ ହିଂସାର ଶିକାର ହେଉଛନ୍ତି ।

ଯେ କୌଣସି ମହିଳା ବା ଯୁବତୀଙ୍କ ପ୍ରତି ଅଶୋଭନୀୟ ଆଚରଣ ପ୍ରଦର୍ଶନ ହେଉଛି ହିଂସା । ଦୁର୍ବ୍ୟବହାର ପ୍ରଦର୍ଶନ, ଦୁଷ୍କର୍ମ ବା ଯୌନ ଉତ୍ପୀଡ଼ନ, ଯୌନ ଶୋଷଣ, ବଳପୂର୍ବକ ବିବାହ କରିବା, ସମ୍ମାନହାନି ହେବା ଭଳି ବ୍ୟବହାର ପ୍ରଦର୍ଶନ କରିବା, ଶାରୀରିକ ନିର୍ଯାତନା, ମାନସିକ ନିର୍ଯାତନା, ଯୌତୁକ ଜନିତ ନିର୍ଯାତନା, ଲିଙ୍ଗ ଭେଦଜନିତ ପକ୍ଷପାତିତା, କାର୍ଯ୍ୟସ୍ଥଳୀ ବା ସାର୍ବଜନୀନ ଜୀବନରେ ଯୌନ ଉତ୍ପୀଡ଼ନ ଆଦିକୁ ମହିଳା ହିଂସା ଭାବେ ବିବେଚନା କରାଯାଏ । ମହିଳାଙ୍କ ଉପରେ ହିଂସା ଆମ ସମାଜରେ ନାରୀ ଓ ପୁରୁଷଙ୍କ ମଧ୍ୟରେ ଥିବା ଅସମାନତାର କାରଣ ଓ ପରିଣାମ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଆନୁମାନିକ ଭାବେ କୁହାଯାଉଛି ଯେ, ସାରା ବିଶ୍ୱର ପ୍ରାୟ ତିନି ଜଣରୁ ଜଣେ ମହିଳା ଜୀବନକାଳ ମଧ୍ୟରେ ନିଜ ଅନ୍ତରଙ୍ଗ ସାଥୀ ବା ଅଜଣାଲୋକଙ୍କ ଦ୍ୱାରା ଶାରୀରିକ ବା ଯୌନ ଶୋଷଣର ଶିକାର ହୋଇଥାନ୍ତି । ମହିଳାଙ୍କ ଉପରେ ହିଂସା ଆଚରଣ ମାନବିକ ଅଧିକାର ଉଲ୍ଲଂଘନ ଅଟେ । ନାରୀମାନଙ୍କ ଉପରେ ହିଂସାର ନକାରାତ୍ମକ ପ୍ରଭାବ ପଡ଼ିଥାଏ । ଯାହା ପରିବାର, ସମାଜ ଓ ଦେଶ ପାଇଁ ବେଶ୍ କ୍ଷତିକାରକ । ତେବେ ମହିଳା ହିଂସାକୁ ରୋକିବା ପାଇଁ ସରକାର ବିଭିନ୍ନ ଆଇନ ପ୍ରଣୟନ କରିଛନ୍ତି । ଦୋଷୀମାନଙ୍କ ବିରୁଦ୍ଧରେ କଠୋର ଦଣ୍ଡ ବିଧାନ ବ୍ୟବସ୍ଥା ମଧ୍ୟ ରହିଛି । ତଥାପି ଆମ ସମାଜରେ ମହିଳା ହିଂସା ହ୍ରାସ ପାଉ ନାହିଁ । ଏହି ପରିପ୍ରେକ୍ଷୀରେ ମହିଳା ହିଂସା କ'ଣ? ମହିଳା ହିଂସା ବୃଦ୍ଧିର କାରଣ? ହିଂସାକୁ ଦମନ କରିବା ପାଇଁ କ'ଣ ରହିଛି ଆଇନ? ମହିଳା ହିଂସାର ବିଭିନ୍ନ ଦିଗକୁ ନେଇ ଏଥର ସିନ୍ଦୂରାର ସ୍ୱତନ୍ତ୍ର ଉପସ୍ଥାପନା: **କାହିଁକି ମହିଳା ହିଂସା ?**

**ପ୍ରସ୍ତୁତି 'ସକାଳ ବ୍ୟୁରୋ'**



## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମ, ମଙ୍ଗଳବାରରେ ସମସ୍ୟାଗୁଡ଼ିକର ସମାଧାନ ରାସ୍ତା ପାଇବେ । ଦୀର୍ଘଦିନର ଆଶା ପୂରଣ ହେବ । ବୁଧ, ଗୁରୁବାରରେ ପଦୋନ୍ନତିର ଯୋଗ ରହିଛି । କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ନେଇପାରନ୍ତି । ଶୁକ୍ର, ଶନିବାରରେ ଦରକାରୀ କାଗଜପତ୍ରକୁ ସତର୍କତାର ସହ ରଖନ୍ତୁ ।

**ବୃଷ**
ରବି, ସୋମ, ମଙ୍ଗଳବାରରେ କୌଣସି କଥାକୁ ନେଇ ଚିନ୍ତିତ ହୋଇପାରନ୍ତି । କୌଣସି ଭୁଲ୍ ନିଷ୍ପତ୍ତି ପାଇଁ କଷ୍ଟ ପାଇପାରନ୍ତି । ବୁଧ, ଗୁରୁବାରରେ ବନ୍ଧୁବାନ୍ଧବଙ୍କ ସହ ଅଧିକ ସମୟ କଟାଇବେ । ଶୁକ୍ର, ଶନିବାରରେ ପରିବାରଠାରୁ ସହଯୋଗ ପାଇବେ ।

**ମିଥୁନ**
ରବି, ସୋମ, ମଙ୍ଗଳବାରରେ କୌଣସି ଶୁଭ ସମାଚାର ପାଇପାରନ୍ତି । କର୍ମକ୍ଷେତ୍ରରେ କିଛି ନୂତନ ପରିବର୍ତ୍ତନ ଆସିବ । ବୁଧ, ଗୁରୁବାରରେ ନିଜ ବିଚାରଧାରାରେ ପରିବର୍ତ୍ତନ ଆଣିବେ । ଶୁକ୍ର, ଶନିବାରରେ ନିଜ ବ୍ୟବହାରରେ ସମସ୍ତଙ୍କ ପ୍ରିୟଭାଜନ ହେବେ ।

**କର୍କଟ**
ରବି, ସୋମ, ମଙ୍ଗଳବାରରେ କର୍ମକ୍ଷେତ୍ରରେ ବ୍ୟସ୍ତତା ମଧ୍ୟରେ ରହିବେ । ସମାଜରେ ମାନସମ୍ମାନର ଅଧିକାରୀ ହେବେ । ବୁଧ, ଗୁରୁବାରରେ ଆର୍ଥିକ କ୍ଷେତ୍ରରେ ଉନ୍ନତି କରିବେ । ବନ୍ଧୁବାନ୍ଧବଙ୍କ ସହଯୋଗ ପାଇବେ । ଶୁକ୍ର, ଶନିବାରରେ ମହିଳାମାନେ ସ୍ୱାବଲମ୍ବୀ ହେବେ । ଉଚ୍ଚଆଶା ପୂରଣ ହେବେ ।

**ସିଂହ**
ରବି, ସୋମ, ମଙ୍ଗଳବାରରେ ଦୀର୍ଘଦିନର ସ୍ୱପ୍ନ ବାସ୍ତବ ରୂପ ନେବ । ନୂତନ ଭୂସଂପତ୍ତିର ଅଧିକାରୀ ହେବେ । ବୁଧ, ଗୁରୁବାରରେ ପଡ଼ୋଶୀଙ୍କ ସହଯୋଗ ପାଇବେ । ଶୁକ୍ର, ଶନିବାରରେ ପରିବାର ସଦସ୍ୟଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବେ । ଦାମ୍ପତ୍ୟ ଜୀବନରେ ମତଭେଦ ଦେଖାଦେବ ।

**କନ୍ୟା**
ରବି, ସୋମ, ମଙ୍ଗଳବାରରେ କିଛିଟା ଉତ୍ତେଜନା ଭିତରେ କାର୍ଯ୍ୟ ତୁଲାଇବେ । ବୁଧ, ଗୁରୁବାରରେ ଅର୍ଥପ୍ରାପ୍ତିର ଯୋଗ ରହିଛି । ପଡ଼ୋଶୀଙ୍କ ସହଯୋଗ ମିଳିବ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ବିଭିନ୍ନ ବାଧାବିଘ୍ନର ସମ୍ମୁଖୀନ ହୋଇପାରନ୍ତି । ପରିବାର ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି ।

**ତୁଳା**
ରବି, ସୋମ, ମଙ୍ଗଳବାରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ବାଦବିବାଦରୁ ଦୂରେଇ ରୁହନ୍ତୁ । ବୁଧ, ଗୁରୁବାରେ ଜୀବନସାଥୀଙ୍କ ସଂପୂର୍ଣ୍ଣ ସହଯୋଗ ପାଇବେ । ପରିବାରରେ ଶୁଭକାର୍ଯ୍ୟ ସଂପାଦନ ହୋଇପାରେ । ଶୁକ୍ର, ଶନିବାରରେ କାର୍ଯ୍ୟକ୍ଷେତ୍ରରେ ନିଜ ପ୍ରତିଭାର ପ୍ରଦର୍ଶନ କରିପାରିବେ ।

**ବିଛା**
ରବି, ସୋମ, ମଙ୍ଗଳବାରରେ ଜୀବନରେ କିଛି କଠିନ ପରିସ୍ଥିତିରେ ସମ୍ମୁଖୀନ ହେବାକୁ ପଡ଼ିପାରେ । ବୁଧ, ଗୁରୁବାରରେ ଅଟକି ରହିଥିବା କାର୍ଯ୍ୟ ନିଜ ଲୋକଙ୍କ ସହଯୋଗରେ ପୂର୍ଣ୍ଣ ହେବ । ଶୁକ୍ର, ଶନିବାରରେ ଅଯଥା ଚିନ୍ତା ନ କରି ନିଜ ଲକ୍ଷ୍ୟରେ ଧ୍ୟାନ କେନ୍ଦ୍ରିତ କରନ୍ତୁ ।

**ଧନୁ**
ରବି, ସୋମ, ମଙ୍ଗଳବାରରେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପୂରା ହୋଇପାରେ । ବୁଧ, ଗୁରୁବାରରେ ସନ୍ତାନମାନଙ୍କ ଉନ୍ନତି ପାଇଁ ବିଭିନ୍ନ ପ୍ରକାର ପ୍ରଚେଷ୍ଟା ଜାରି ରଖିବେ । ବ୍ୟବସାୟରେ ହାନି ହୋଇପାରେ । ଶୁକ୍ର, ଶନିବାରରେ ଧାର୍ମିକ ଚିନ୍ତାଧାରାରେ ପରିବାରରେ ଏକତା ବଢ଼ିବ ।

**ମକର**
ମକର: ରବି, ସୋମ, ମଙ୍ଗଳବାରରେ ପାରିବାରିକ ସମ୍ପର୍କରେ ଦେଖାଦେଉଥିବା ମନୋମାଳିନ୍ୟ ଭିନ୍ନ ମୋଡ଼ ନେଇପାରେ । ବୁଧ, ଗୁରୁବାରରେ ବ୍ୟବସାୟକୁ ନେଇ ଚିନ୍ତିତ ରହିପାରନ୍ତି । ଦ୍ୱନ୍ଦ୍ୱରେ ପଡ଼ି ନିଷ୍ପତ୍ତି ନେଇ ପାରନ୍ତି । ଶୁକ୍ର, ଶନିବାରରେ ଧାର୍ମିକ କାର୍ଯ୍ୟରେ ଭାଗନେବେ ।

**କୁମ୍ଭ**
ରବି, ସୋମ, ମଙ୍ଗଳବାରରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ପୂର୍ଣ୍ଣ ସହଯୋଗ ପାଇବେ । କ୍ୟାରିୟର ସମ୍ବନ୍ଧରେ ବିଦେଶ ଯାତ୍ରା କରିପାରନ୍ତି । ବୁଧ, ଗୁରୁବାରରେ କର୍ମକ୍ଷେତ୍ରରେ ମାନସମ୍ମାନ ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ ସାହିତ୍ୟ ଓ କଳା ପ୍ରତି ଆଗ୍ରହ ଦେଖାଇବେ ।

**ମୀନ**
ରବି, ସୋମ, ମଙ୍ଗଳବାରରେ ମନୋବଳ ଦୃଢ଼ କରି ଆଗକୁ ବଢ଼ିବେ । ସମସ୍ୟାର ସମାଧାନ ବାଟ ପାଇବେ । ବୁଧ, ଗୁରୁବାରରେ ପଡ଼ୋଶୀଙ୍କ ସହ ସମ୍ପର୍କରେ ଭିନ୍ନ ମୋଡ଼ ଦେଖାଦେବ । ଶୁକ୍ର, ଶନିବାରରେ ତରବରିଆ ଭାବରେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଗୁରୁଜନଙ୍କ ପରାମର୍ଶ ପାଇ ଆଗକୁ ବଢ଼ିବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

ଫ୍ରେଡରିକ୍ ଏଙ୍ଗଲ୍ସ




# ମହିଳା ହିଂସାର ବାସ୍ତବତା



ଡ. ମୌସୁମୀ ପରିଡ଼ା

ପର୍ବତାରୋହଣଠାରୁ ଆରମ୍ଭ କରି ମହାକାଶ ଯାଏଁ, ରୋଷେଇଶାଳରୁ ଯୁଦ୍ଧ କ୍ଷେତ୍ର ପର୍ଯ୍ୟନ୍ତ ସବୁଠାରେ ନାରୀମାନଙ୍କ ସଫଳତାର ଚର୍ଚ୍ଚା । ସବୁ ବିଭାଗରେ ସେମାନଙ୍କ ପାରଦର୍ଶିତା । ଯୁଦ୍ଧ କ୍ଷେତ୍ରରେ ଲଢୁଥିବା, ଆକାଶରେ ଉଡୁଥିବା, ମାଟି ଉପରେ ଧାଉଁଥିବା ମହିଳାମାନେ ଏବେ ଆଉ ପଛରେ ନାହାନ୍ତି କିମ୍ବା ଅବଳା, ଦୁର୍ବଳା ନୁହନ୍ତି । ସଫଳତାର ଶିଢ଼ି ଦେଇ ଆଗକୁ ବଢ଼ି ଚାଲିଛନ୍ତି ଯାହା ସେମାନଙ୍କୁ ଶକ୍ତ ଓ ସଫଳ କରାଇଛି । ରାଜନୀତି, କୋର୍ଟ କଚେରି,



ଫ୍ରେଡରିକ୍ ଏଙ୍ଗଲ୍ସ



ମିଶେଲ୍ ଓବାମା



**ନାରୀବାଦୀଙ୍କ ମତରେ- "ଲିଙ୍ଗଜନିତ ଭେଦଭାବ ଐତିହାସିକ ଯୁଗରୁ ରହି ଆସିଛି ।" ନାରୀ ପୁରୁଷଙ୍କ ଭିତରେ ବିଭେଦର ପାଚେରୀ ସୁସ୍ପଷ୍ଟ ଥିବାରୁ ମହିଳାମାନଙ୍କ ସର୍ବାଙ୍ଗୀନ ଉନ୍ନତି ବାଧାପ୍ରାପ୍ତ ହୋଇଛି । ଏଥିରୁ ଅନୁମେୟ ଯେ, ପୂର୍ବେ ପୁରୁଷକୈନ୍ଦ୍ରିକ ସମାଜ ନାରୀମାନଙ୍କୁ ନ୍ୟୂନ ମନେ କରୁଥିଲା । ମାର୍କସବାଦୀ ବିଚାରକ ଫ୍ରେଡରିକ୍ ଏଙ୍ଗଲ୍ସଙ୍କ ଅନୁସାରେ- "ମହିଳାମାନଙ୍କୁ ଦମନ କରିବା ମନୋଭାବ ପରିବାରଠାରୁ ହିଁ ଆରମ୍ଭ ହେଉଥିଲା ।" କାରଣ ପ୍ରାୟ ସେସବୁ ପରିବାର ପିତୃକୈନ୍ଦ୍ରିକ ଥିଲା । ସମାଜବାଦ ଦ୍ୱାରା ହିଁ ପୁରୁଷ ଓ ମହିଳାମାନଙ୍କ ଭିତରେ ସମାନତା ସ୍ଥାପିତ ହୋଇପାରିବ ବୋଲି ସେ ଆଶାବାଦୀ ଥିଲେ । କାରଣ ସମାଜବାଦ ଲିଙ୍ଗଗତ ସମାନତାକୁ ଗୁରୁତ୍ୱ ଦିଏ । କିନ୍ତୁ କୌଣସି ବାଦ ମହିଳା ହିଂସା ଉପରେ ପ୍ରତିବନ୍ଧକ ଲଗାଇ ପାରିନି, ଯଦିଓ ଏ ସଂକ୍ରାନ୍ତୀୟ ଏକାଧିକ ତର୍କବିତର୍କ ମାଧ୍ୟମରେ ବିଭିନ୍ନ ଦଣ୍ଡବିଧାନ ସ୍ଥିର କରାଯାଇଛି । ସତ କହିବାକୁ ଗଲେ ମହିଳା ହିଂସା ଏବେ କ୍ୟାନସର୍ ପରି ବୃଦ୍ଧି ପାଇବାରେ ଲାଗିଛି ସିନା ସେମାନେ କିନ୍ତୁ ଅତ୍ର ତତ୍ର ସର୍ବତ୍ର ସଫଳତା ହାସଲ କରି ନିଜକୁ ପ୍ରମାଣିତ କରିସାରିଛନ୍ତି ।**



ବ୍ୟବସାୟ ପ୍ରତିଷ୍ଠାନ, ମନ୍ତ୍ରିମଣ୍ଡଳ ସବୁଠାରେ ସେମାନଙ୍କ ଅବସ୍ଥିତି! ଆମେରିକୀୟ ଅଧିବକ୍ତା/ ମୁଖ୍ୟ ଆଇନଗତ ପରାମର୍ଶଦାତା ତଥା ପ୍ରାକ୍ତନ ପ୍ରଥମ ମହିଳା ମିଶେଲ୍ ଓବାମାଙ୍କ ମତରେ- "ଏମିତି କୌଣସି କାର୍ଯ୍ୟ ନାହିଁ ଯାହାକୁ ଆମେ, ମହିଳା ଭାବେ ସଂପନ୍ନ କରି ନପାରିବା ।" କିନ୍ତୁ ବିଡ଼ମ୍ବନା ହେଉଛି- ସଫଳତାର ଶୀର୍ଷରେ ଥାଇ ମଧ୍ୟ ବିପଦମୁକ୍ତ ନୁହନ୍ତି ମହିଳାମାନେ । ଘରେ କିମ୍ବା ବାହାରେ, କାର୍ଯ୍ୟକ୍ଷେତ୍ରରେ ସେମାନେ ସ୍ୱଚ୍ଛନ୍ଦରେ ଜୀବନ ଅତିବାହିତ କରିପାରୁନାହାନ୍ତି! କାରଣ ମହିଳାଟିଏ ହୋଇ ଜନ୍ମ ନେବାର ପ୍ରତିଦାନ ସ୍ୱରୂପ କେବେକେବେ ନିଜକୁ ହିଁ ଆହୁତି ଦେବାକୁ ପଡୁଛି!

## କଟକଣା ଭିତରେ ମହିଳା

ବହୁ ବାଧାବିଘ୍ନ ଅତିକ୍ରମ କରି ମଧ୍ୟ ଏକବିଂଶ ଶତାବ୍ଦୀର ଅତ୍ୟାଧୁନିକ ସମାଜରେ ପ୍ରତିଟି କ୍ଷେତ୍ରରେ ନିଜକୁ ସାବ୍ୟସ୍ତ କରିଆସୁଥିବା ମହିଳାମାନେ ବାସ୍ତବରେ ସଂକୁଚିତ ଜୀବନ ବଞ୍ଚୁଛନ୍ତି! ସାଂସ୍କୃତିକ, ସାମାଜିକ ଓ ପାରମ୍ପରିକ ଦୃଷ୍ଟିକୋଣରୁ ଶିଶୁକନ୍ୟାଠାରୁ ବୟୋବୃଦ୍ଧାଙ୍କ ପର୍ଯ୍ୟନ୍ତ ସ୍ୱାଭାବିକ ଜୀବନଧାରଣ କ୍ଷେତ୍ରରେ ସୀମା ନିର୍ଦ୍ଧାରିତ ହୋଇ ସେମାନଙ୍କୁ ସଂକୁଚିତ କରିଦିଆଯାଇଛି । ଏପରିକି ନିର୍ଦ୍ଦିଷ୍ଟ ବୟସର ମହିଳାମାନେ କିଛି ମନ୍ଦିର ଭିତରକୁ ପ୍ରବେଶ କରିବାରେ ବି କଟକଣା ଜାରି ହୋଇଛି । ତଥାକଥିତ ସ୍ୱାଧୀନତା ହାସଲ ପରେ ଦୀର୍ଘ ବର୍ଷ ବିତି ଯାଇଥିଲେ ବି ସେମାନେ ଆଜି ମଧ୍ୟ ଉପେକ୍ଷିତା, ସମାଜ ସେମାନଙ୍କ ପ୍ରତି ଆଜି ମଧ ଉଦାସୀନ । ଓଲଟା ସେମାନେ ବିଭିନ୍ନ ପ୍ରକାରର ଅତ୍ୟାଚାରର ଶିକାର ହେଉଛନ୍ତି - ଏହା ବିଡ଼ମ୍ବନା ନୁହେଁ ତ ଆଉ କ'ଣ! ବିଗତ କିଛି ବର୍ଷ ଭିତରେ ଶିକ୍ଷାଦୀକ୍ଷା, ବେପାରବଣିଜର ପ୍ରଚାର ପ୍ରସାର ସହିତ ବିଭିନ୍ନ ଲୋକାଭିମୁଖୀ ଯୋଜନାର କାର୍ଯ୍ୟକାରିତା ଜନସାଧାରଣଙ୍କ ଦୃଷ୍ଟିଭଙ୍ଗୀ ବଦଳାଇ ଦେଇଥିବାରୁ ସେମାନେ ନୀତିଗତ ଆଦର୍ଶରୁ ଦୂରେଇ ଯାଉଛନ୍ତି । ଭୋଗସର୍ବସ୍ୱ ଜୀବନ ଆଡ଼କୁ ସେମାନେ କ୍ରମଶଃ ଢଳୁଛନ୍ତି, ଯାହା ସମାଜ ପାଇଁ ଶୁଭଙ୍କର ନୁହେଁ ।

ସାମାଜିକ ଓ ଆର୍ଥିକ ଉନ୍ନତି ସତ୍ତ୍ୱେ ସଚେତନତାର ଅଭାବ ଓ ବିଭିନ୍ନ ନିଶାଦ୍ରବ୍ୟର ପ୍ରଭାବ ଲୋକମାନଙ୍କୁ ବିଭିନ୍ନ ହିଂସାତ୍ମକ କାର୍ଯ୍ୟକଳାପ ଆଡ଼କୁ ଆକର୍ଷିତ କରୁଛି, ଯାହାପାଇଁ ସେମାନେ ଠିକ୍ ଭୁଲ୍ ବିଚାର ନକରି ଅନ୍ଧନିଶାର ବଶବର୍ତ୍ତୀ ହେଉଛନ୍ତି ।

ସେମାନଙ୍କ ଭିତରେ ନା ଅଛି ସଂଭ୍ରମତା ନା ବିବେକ । ଭୟ ଓ ବିଚାରଶୂନ୍ୟ ହୋଇ ମହିଳାମାନଙ୍କ ପ୍ରତି ପାଶବିକ ଅତ୍ୟାଚାର ଜାରି ରଖିଛନ୍ତି । ସେଥିପାଇଁ ମହିଳା ହିଂସାର ଅନୁପାତ ଦିନକୁ ଦିନ ବୃଦ୍ଧି ପାଇଚାଲିଛି, ଯାହା ଏବେ ଶେଷହୀନ ସମସ୍ୟାରେ ପରିଣତ! ବିଭିନ୍ନ ପ୍ରକାରର ମାନସିକ, ଶାରୀରିକ, ଆର୍ଥିକ ଓ ଯୌନ ଉତ୍ପୀଡ଼ନ ମହିଳା ହିଂସାର ଗୋଟେ ଲେଖାଏଁ କୁତ୍ସିତ ରୂପ । ମହିଳାମାନଙ୍କୁ ଯେକୌଣସି ଉପାୟରେ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ମଧ୍ୟ ହିଂସା ଅନୁରୂପ ବୋଲି ବିବେଚନା କରାଯାଏ । ଏପରିକି ମାନସିକ ସ୍ତରରେ କ୍ଷତି କରିବା ଅର୍ଥାତ୍ ଧମକଚମକ, ଖରାପ ବ୍ୟବହାର, ଅପମାନ, ଭୟଭୀତ କରିବାର ଚେଷ୍ଟା, ବ୍ଲାକ୍‌ମେଲିଂ ଇତ୍ୟାଦି ମଧ୍ୟ ହିଂସାତ୍ମକ କାର୍ଯ୍ୟକଳାପରେ ସାମିଲ୍ । ଘର ଭିତରେ, ସମାଜରେ, କାର୍ଯ୍ୟସ୍ଥଳୀରେ ଏମିତିକି ଘରୁ ବାହାରକୁ ପାଦ କାଢ଼ିବା ପରେ ଆମ ସମାଜରେ ମହିଳାଟିଏ ଅସୁରକ୍ଷିତା ହୋଇଯାଏ । ଲୋକମାନେ ବିଭିନ୍ନ ନଜରରେ ତାକୁ ଦେଖନ୍ତି । ଭିନ୍ନ ଭିନ୍ନ ଟିକା ଟିପ୍ପଣୀ ଦେବାରେ ଅବହେଳା ପ୍ରଦର୍ଶନ କରନ୍ତିନି । ନିଜ ଅନୁସାରେ ତାକୁ ତଉଲିବାରେ ସାମାନ୍ୟତମ ବିଳମ୍ବ କରନ୍ତିନି । ସହରାଞ୍ଚଳ ହେଉ ବା ଗ୍ରାମାଞ୍ଚଳ ସବୁଠି ମହିଳାମାନେ ବିଭିନ୍ନ ପ୍ରକାରର ନିର୍ଯାତନା ବା ହିଂସାର ଶିକାର ହୋଇ ଆସୁଛନ୍ତି ।




## ମହିଳା ହିଂସା ବୃଦ୍ଧି


ଅଷ୍ଟ୍ରେଲିଆର ଲେଖିକା ଜି. ଡି. ଆଣ୍ଡରସନ୍ ନାରୀବାଦକୁ ନେଇ କହନ୍ତି- ନାରୀବାଦ ମହିଳାମାନଙ୍କୁ ମଜଭୁତ୍ ବନାଇବା ବାବଦରେ ନୁହେଁ । ମହିଳାମାନେ ଆରମ୍ଭରୁ ହିଁ ଶକ୍ତିଶାଳୀ । ନାରୀବାଦ ହେଉଛି ଦୁନିଆର ଦୃଷ୍ଟିକୋଣ ବଦଳାଇବା ବାବଦରେ, ଯାହା ଏ ସମାଜ ବହୁ ଆଗରୁ ମହିଳାଙ୍କ ଶକ୍ତିକୁ ଦୁର୍ବଳ ମନେକରି ଆସିଛି । ବାସ୍ତବରେ ପୁରୁଷତାନ୍ତ୍ରିକ ସମାଜରେ ନାରୀକୁ କେବଳ ଏକ ସାମଗ୍ରୀ ଭାବେ ବ୍ୟବହାର କରାଯାଏ । ତେଣୁ ସେ ଉପଭୋଗ୍ୟା ବୋଲି ଅଧିକାଂଶ ପୁରୁଷଙ୍କ ମତ! ଏହି ମାନସିକତା ମହିଳାମାନଙ୍କ ଉପରେ ହିଂସାତ୍ମକ କାର୍ଯ୍ୟକଳାପ ବୃଦ୍ଧି ପାଇବାର ମୁଖ୍ୟ କାରଣ । ବର୍ତ୍ତମାନ ମହିଳା ହିଂସା ବୈଶ୍ୱିକ ସଂକଟ ଭାବେ ବିବେଚିତ । ନିଜ ଜୀବଦ୍ଦଶାରେ ପାଖାପାଖି ତିନିଜଣ ମହିଳାଙ୍କ ଭିତରୁ ଜଣେ ହିଂସାର ଶିକାର ହୋଇଆସୁଛନ୍ତି ବୋଲି ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ବିଶ୍ୱରେ ୩୦ ପ୍ରତିଶତ ମହିଳା ବିଭିନ୍ନ ହିଂସା ଦ୍ୱାରା ଆକ୍ରାନ୍ତ । ପରିତାପର ବିଷୟ ଏହା ଯେ ମାନସିକ, ଶାରୀରିକ ଓ ଯୌନ ଶୋଷଣରେ ନିଜ ପରିବାରର ସଦସ୍ୟଙ୍କ ହାତ ବି ରହୁଛି । ଯାହା ଶାରୀରିକ ଓ ମାନସିକ ଅବସାଦର ଶିକାର କରାଇ କ୍ରମଶଃ ମୃତ୍ୟୁର କାରଣ ବନିଯାଉଛି । ପାଖାପାଖି ୩୦ ପ୍ରତିଶତ ଯୌନ ଅପରାଧୀ ପୀଡ଼ିତାର ଆତ୍ମୀୟସ୍ୱଜନ ହୋଇଥିବାବେଳେ ପ୍ରାୟ ୬୦ ପ୍ରତିଶତ ଅପରାଧି ଦୂରସଂପର୍କୀୟ, ପଡ଼ୋଶୀ, ଚିହ୍ନା ପରିଚିତ ହୋଇଥାନ୍ତି । ମାତ୍ର ଦଶ ପ୍ରତିଶତ ଅପରାଧୀ ଅପରିଚିତ ଥାଆନ୍ତି ବୋଲି ଏକ ସର୍ଭେରୁ ଜଣାପଡ଼ିଛି । ତେଣୁ କଦର୍ଯ୍ୟ ମାନସିକତାଧାରୀ ଲୋକମାନଙ୍କ ଯୋଗୁଁ ଶିଶୁକନ୍ୟାଠାରୁ ଆରମ୍ଭ କରି ବୟସ୍କା ମହିଳା ପର୍ଯ୍ୟନ୍ତ କେହି ବି ଏ ସମାଜରେ ସୁରକ୍ଷିତା ନୁହନ୍ତି । ବିଭିନ୍ନ ଉପାୟରେ ଓ ନାନାଦି କାରଣରୁ ସେମାନେ ଶୋଷିତ ହୋଇଆସୁଛନ୍ତି । କର୍ମଜୀବୀ ମହିଳାମାନେ ମଧ୍ୟ ଏଥିରୁ ବାଦ୍ ପଡ଼ନ୍ତି ନାହିଁ । ଘରଠାରୁ ବାହାର ଯାଏଁ ପୁଣି ଶିଶୁକନ୍ୟାଠାରୁ ବୃଦ୍ଧାଙ୍କ ଯାଏଁ ମହିଳା ହିଂସା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଏଥିପାଇଁ ସମାଜ, ପ୍ରଶାସନ ଓ ପାରିବାରିକ ପୃଷ୍ଠଭୂମି ଦାୟୀ । ସେଥିପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ସଚେତନତା ଅଭାବରୁ ଓ ଦଣ୍ଡବିଧାନ ନୀତି କୋହଳ ହୋଇଥିବାରୁ ହିଂସା ହ୍ରାସ ନପାଇ ବୃଦ୍ଧି ହେବାରେ ଲାଗିଛି ।

## ମହିଳା ହିଂସାର ସାମାଜିକ ପ୍ରତିଫଳନ

ପାକିସ୍ଥାନର ମାନବାଧିକାର କାର୍ଯ୍ୟକର୍ତ୍ତା ତଥା ନୋବେଲ ପୁରସ୍କାର ବିଜୟିନୀ ମଲାଲା ୟୁସୁଫଜାଇଙ୍କ ମତରେ – "ମୁଁ ଭାବେ, ଏପରି ଅନୁଭବ କରିବା ମହତ୍ୱପୂର୍ଣ୍ଣ ଯେ ତୁମେ ଏକାକିନୀ ନୁହଁ ବରଂ ସାରା ଦୁନିଆର ଲକ୍ଷ ଲକ୍ଷ ଭଉଣୀମାନେ ତୁମ ସହିତ ଛିଡ଼ା ହୋଇଛନ୍ତି ।" ତେଣୁ ମହିଳାମାନେ ନିଜ ଆତ୍ମଶକ୍ତିକୁ ପାଶୋରି ନଦେବା ଉଚିତ୍ । ସବୁ ପରେ ବି ମହିଳାମାନେ ଏ ସୁନ୍ଦର ପୃଥିବୀର ସର୍ବୋତ୍ତମ ସୃଷ୍ଟି । ଏହା ସତ୍ୟ ଯେ ସେମାନେ ଘରେ ବାହାରେ କେଉଁଠାରେ ବି ସୁରକ୍ଷିତ ନୁହଁନ୍ତି । ଅପରିଚିତ ଲୋକଙ୍କ କଥା ଛାଡ଼ନ୍ତୁ ନିଜ ସଂପର୍କୀୟ ବି ଭରସାଯୋଗ୍ୟ ନୁହଁନ୍ତି । ପାରିବାରିକ ଓ ସାମାଜିକ ସଂପର୍କ ନିଜର ଗୁରୁତ୍ୱ ହଜାଇ ସାରିଲାଣି । ମାନବୀୟ ସମ୍ବେଦନଶୀଳତା ମଧ୍ୟ ଅବକ୍ଷୟମୁଖୀ । ଝିଅମାନଙ୍କୁ ସାମଗ୍ରୀ ଭାବେ ବିବେଚନା କରିବା ଓ ନିଶାସକ୍ତ ସମାଜର ଅଧୋଗତି ହେବା ମହିଳା ହିଂସାର ଅନ୍ୟତମ କାରଣ ବୋଲି କୁହାଯାଇପାରେ । ଯେ ପର୍ଯ୍ୟନ୍ତ ଝିଅମାନେ ବିଳାସବ୍ୟସନ ନିମନ୍ତେ ନିୟୋଜିତା ହେବେ ସେ ପର୍ଯ୍ୟନ୍ତ ସମାଜରୁ ମହିଳା ହିଂସା ଦୂର ହୋଇପାରିବ ନାହିଁ । ସେଥିପାଇଁ ସାମାଜିକ ସଚେତନତା ଅପରିହାର୍ଯ୍ୟ । କାରଣ ମହିଳାମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହୋଇଆସିଛନ୍ତି । ଦେଶର ଆର୍ଥିକ, ରାଜନୀତିକ, ବୈପ୍ଳବିକ, କ୍ରୀଡ଼ା ଓ ବିଭିନ୍ନ ବ୍ୟବସାୟିକ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିସାରିଛନ୍ତି । ତେବେ ବି ସେମାନଙ୍କ ପ୍ରତି ହିଂସାତ୍ମକ ଆଚରଣ ବୃଦ୍ଧି ପାଇବା ଆଗାମୀ ପିଢ଼ି ପାଇଁ କ୍ଷତିକାରକ । ଦେଶବିଦେଶରେ ସୁନାମ ଅର୍ଜିଥିବା ମହିଳାମାନେ ସମ୍ମାନର ପାତ୍ର, ଶୋଷଣର ନୁହେଁ । ତେଣୁ ଜଣେ ପୀଡ଼ିତାକୁ ମନୋବଳ ଯୋଗାଇଦେବାକୁ ମହିଳା ସମୂହଙ୍କ ଯୋଗଦାନ ଜରୁରି, ଯାହା ଆତ୍ମସମ୍ମାନ ଓ ସାହସ ଫେରାଇ ଆଣିବାରେ ସହାୟକ ହେବ ।





## ନାବାଳିକା ଯୌନ ଶୋଷଣର ବାସ୍ତବତା

ସହର ଅପେକ୍ଷା ଗ୍ରାମାଞ୍ଚଳରେ ନାବାଳିକା ଯୌନଶୋଷଣ ଅଧିକ । ଅବଶ୍ୟ ସହରରେ ଏସବୁ ଅତି ମାମୁଲି ଘଟଣା ଯାହା ବିଭିନ୍ନ ଚାପର ବଶବର୍ତ୍ତୀ ହୋଇ ଘଟଣାବହୁଳତା ଭିତରେ ହଜିଯାଉଛି । ଏହାର ପ୍ରମୁଖ କାରଣଗୁଡ଼ିକ ମଧ୍ୟରେ ଦାରିଦ୍ର୍ୟ, ଦୁର୍ବଳ ଶୈକ୍ଷିକ ଭିତ୍ତିଭୂମି ଓ ପାରିବାରିକ ଲିଙ୍ଗଭିତ୍ତିକ ପାତରଅନ୍ତର ମନୋଭାବ ଅନ୍ୟତମ । ଆର୍ଥିକ ଅଭାବ ହେତୁ ନାବାଳିକାମାନଙ୍କୁ ବିଭିନ୍ନ ପ୍ରକାରରେ ପ୍ରଲୋଭିତ କରି ସେମାନଙ୍କୁ ଶାରୀରିକ ଶୋଷଣ କରିବା ଗ୍ରାମାଞ୍ଚଳରେ ବେଶ୍ ସାଧାରଣ କଥା । ପାଖ ପଡ଼ିଶା ବା ସଂପର୍କୀୟଙ୍କ ଦ୍ୱାରା ସହଜରେ ନାବାଳିକା ପ୍ରଲୋଭନର ଶିକାର ବନନ୍ତି । ପୀଡ଼ିତାମାନେ ପ୍ରଥମେ ଏହାକୁ ହିଂସା କିମ୍ବା ଦୁଷ୍କର୍ମ ବୋଲି ବୁଝିପାରନ୍ତିନି । ବୁଝିବା ପରେ ବି ଠିକ୍ ରୂପେ ପ୍ରତିବାଦ କରିପାରନ୍ତିନି କିମ୍ବା ଭୟରେ ନୀରବ ରହିବାକୁ ବାଧ୍ୟ ହୁଅନ୍ତି ।

ନାବାଳିକାମାନଙ୍କୁ ଶିକାର ବନାଇବା ସହଜ ହୋଇଥିବାରୁ କିଛି ଦୁର୍ବୃତ୍ତ ବିଭିନ୍ନ ଉପାୟ ଅବଲମ୍ବନ କରି କୌଶଳ କ୍ରମେ ସେମାନଙ୍କ ଦୁର୍ବଳତାର ସୁଯୋଗ ନିଅନ୍ତି । କୋମଳମତି ଝିଅମାନେ ଭଲମନ୍ଦ ବିଚାର କରିପାରନ୍ତି ନାହିଁ । ସେମାନଙ୍କୁ ପରିବାର ପକ୍ଷରୁ ସଚେତନ କରାଯାଇ ନଥାଏ କିମ୍ବା ଏ ସଂପର୍କରେ ଠିକ୍ ଭାବେ ଅବଗତ କରାଯାଇ ନଥାଏ । ଯାହା ପାଇଁ ଦୁର୍ବୃତ୍ତମାନେ ଅଶିକ୍ଷିତା ବା ଅଳ୍ପଶିକ୍ଷିତା ନାବାଳିକାମାନଙ୍କୁ ଦୁଷ୍କର୍ମ କରିବାର ମଉକା ପାଇଯାଆନ୍ତି । ପରିବାରରେ ପୁଅ ଝିଅକୁ ନେଇ ଥିବା ଲିଙ୍ଗଗତ ପାର୍ଥକ୍ୟ ଝିଅମାନଙ୍କୁ ଅସହାୟ କରିଦିଏ । ସେମାନେ ପାରିବାରିକ ସ୍ନେହଶ୍ରଦ୍ଧା ଅଭାବରୁ ବାହ୍ୟଜଗତ ପ୍ରତି ଆକୃଷ୍ଟ ହୁଅନ୍ତି । ବାରମ୍ବାର ପ୍ରତାଡ଼ିତା ହୋଇ ଘରେ କହିବାକୁ ସାହସ ଜୁଟାଇ ପାରୁନଥିବାରୁ ମାନସିକ ଅବସାଦର ଶିକାର ହୋଇ କେବେକେବେ ମୃତ୍ୟୁମୁଖରେ ପଡ଼ିଥାନ୍ତି । ଏଥିପାଇଁ ଝିଅମାନଙ୍କ ପ୍ରତି ମାଆମାନଙ୍କ କୋମଳ ମନୋଭାବ ରହିବା ଜରୁରି । ଯାହାପାଇଁ ସେ ନିର୍ଭୟରେ ନିଜ ମନକଥା ଓ ତା'ଉପରେ ହେଉଥିବା ଅତ୍ୟାଚାରର ବିବରଣୀ ଦେଇପାରିବ । ପକ୍ସୋ ଅନ୍ତର୍ଗତ ଏସବୁ ମାମଲାର କଠୋର ଦଣ୍ଡବିଧାନ ଥିଲେ ମଧ୍ୟ ଅପରାଧୀମାନଙ୍କୁ ଆୟତ୍ତ କରିବାରେ ବିଶେଷ ଫଳପ୍ରଦ ହେଉନାହିଁ । ଏଥିପାଇଁ ପର୍ଯ୍ୟାପ୍ତ ସଚେତନତା ଜରୁରି ।

## ନିରାକରଣ

ହିଂସା ବାବଦରେ ମୁକ୍ତ ଭାବେ ଚର୍ଚ୍ଚା କରାଯାଇ ସମାଜକୁ ସଚେତନ କରାଇବା, ହିଂସାର ଶିକାର ହୋଇଥିବା ମହିଳାମାନଙ୍କୁ ସାହାରା ଦେଇ ସେମାନଙ୍କୁ ମାନସିକ ସ୍ତରରେ ମଜବୁତ୍ ବନାଇବା, ପୁରୁଷ କୈନ୍ଦ୍ରିକ ମନୋଭାବ ବଦଳାଇ ଲିଙ୍ଗଭିତ୍ତିକ ସମାନତା ସୃଷ୍ଟି କରିବା ତଥା ହିଂସାର ଶିକାର ହୋଇଥିବା ମହିଳାମାନଙ୍କ ପ୍ରତି ସହାନୁଭୂତିଶୀଳ ହୋଇ ସେମାନଙ୍କୁ ଚିକିତ୍ସା, ଆଇନଗତ ସାହାଯ୍ୟ ତଥା ମାନସିକ ସମର୍ଥନ ଯୋଗାଇଦେବା ଦ୍ୱାରା ପୀଡ଼ିତା ମହିଳାମାନଙ୍କ ମନୋବଳ ବୃଦ୍ଧି ପାଇବ । ଫଳରେ ତାକୁ ହତୋତ୍ସାହିତ ହୋଇ ଆତ୍ମହତ୍ୟାର ଶିକାର ହେବାକୁ ପଡ଼ିବନି କିମ୍ବା ସାମାଜିକ ବିଭେଦର ସମ୍ମୁଖୀନ ହେବାକୁ ପଡ଼ିବନି । ସେହିପରି ନାବାଳିକାମାନଙ୍କୁ ଉପଯୁକ୍ତ ଶିକ୍ଷାଦାନ ସହିତ ଶାରୀରିକ ସଂପର୍କ ବିଷୟରେ ଅବଗତ କରାଇବା ବା ସେମାନଙ୍କ ପିତାମାତାମାନଙ୍କୁ ସଚେତନ କରାଇବା ନାବାଳିକା ହିଂସା ଉପରେ ପ୍ରତିବନ୍ଧକ ଲଗାଇପାରେ । ଏହାର ନିରାକରଣ ପାଇଁ ମହିଳାମାନଙ୍କ ସଂରକ୍ଷଣ ଅଧିନିୟମ, ୨୦୦୫ ଅନୁସାରେ କାର୍ଯ୍ୟସ୍ଥଳରେ ଯୌନ ପୀଡ଼ା ନିବାରଣ ଅଧିନିୟମ ଓ ୨୦୧୩, ପକ୍ସୋ, ସେଲ୍ଫ ଡିଫେନ୍ସ ବା ଆତ୍ମରକ୍ଷା କୌଶଳ ଶିକ୍ଷାଦାନ ପରି ବିଭିନ୍ନ ଆଇନ୍ ପ୍ରଣୟନ ଓ ଯୋଜନା ତିଆରି କରାଯାଇଛି । ସ୍କୁଲ ଓ କଲେଜସ୍ତରରେ ଛାତ୍ରୀମାନଙ୍କ ସୁରକ୍ଷା ପାଇଁ ଆତ୍ମରକ୍ଷା କୌଶଳକୁ ଗୁରୁତ୍ୱ ଦିଆଯାଉଛି । ମାତ୍ର ଏତିକି ଯଥେଷ୍ଟ ନୁହେଁ । ନିଶାସକ୍ତ ମଣିଷଟି ନିଜର ହିତାହିତ ଜ୍ଞାନ ଭୁଲିଯିବା ଓ ନିଜ କର୍ମର ଫଳାଫଳ ବିଷୟରେ ଅଜ୍ଞ ରହିବା ମଧ୍ୟ ମହିଳା ହିଂସା ବୃଦ୍ଧିର ସହାୟକ ।



ତେଣୁ ଏଥିପାଇଁ ବିହିତ ପଦକ୍ଷେପ ନେବା ସହିତ ଉଚିତ ଦଣ୍ଡବିଧାନ ଜରୁରି । କିନ୍ତୁ ତା' ପୂର୍ବରୁ ସଚେତନତା ଆବଶ୍ୟକ । ବିଦ୍ୟାଳୟରେ ଏସଂପର୍କିତ ଶିକ୍ଷା ଦେବା ମଧ୍ୟ ନିତାନ୍ତ ଆବଶ୍ୟକ । ଫଳରେ ଝିଅଟିଏ ନିଜକୁ ବୁଝୁ, ନିଜ ଶରୀର ଓ ମନକୁ ଠିକ୍ ଭାବରେ ପଢ଼ୁ । ପୁରୁଷତାନ୍ତ୍ରିକ ମନୋଭାବ ପରିବର୍ତ୍ତିତ ହେଉ । ଝିଅମାନେ ସମାଜ ତଥା ପରିବାରର ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ପ୍ରତ୍ୟେକ ବୁଝିବା ଜରୁରି । ସେମାନଙ୍କୁ ହିଂସା ନୁହେଁ, ଯତ୍ନର ଆବଶ୍ୟକତା ରହିଛି । ତେଣୁ 'ବେଟି ପଢ଼ାଓ ବେଟି ବଚାଓ' ସ୍ଲୋଗାନ ଅନୁସାରେ ଝିଅମାନଙ୍କୁ ଶିକ୍ଷିତ ଓ ସଚେତନ କରାଯିବା ସହିତ ଆତ୍ମରକ୍ଷା ପାଇଁ ପ୍ରେରିତ କରିବା ଏକାନ୍ତ ଅପରିହାର୍ଯ୍ୟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ■

ମୋ: ୯୪୩୭୩୧୭୦୨୬




# ମହିଳାଙ୍କ ସୁରକ୍ଷା ଦେଶର ସୁରକ୍ଷା



## ସମାଜର ସୃଷ୍ଟିକର୍ତ୍ତୀ ଆଜି ନିର୍ଯାତିତା

ଭାରତ ବିଶ୍ୱର ଦ୍ୱିତୀୟ ବୃହତମ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଯାହା ବର୍ଷ ବର୍ଷ ଧରି ବିଦେଶୀ ଓ ଦେଶୀ ଶାସକଙ୍କ ଦ୍ୱାରା ଲାଞ୍ଛିତ ଓ ଶୋଷିତ ହୋଇ ଆସୁଅଛି। ସ୍ୱାଧୀନତା ପୂର୍ବରୁ ବିଦେଶୀ ମଣିଷ ଓ ସ୍ୱାଧୀନତା ପରେ ଦେଶୀ ମଣିଷ ଉଭୟଙ୍କ ଗୋଟିଏ ପ୍ରକାର କାର୍ଯ୍ୟ ଓ ଭିନ୍ନ ମାଧ୍ୟମ ରୂପେ ଭାରତୀୟ ସଂସ୍କୃତି, ଭାରତୀୟଙ୍କୁ ଶୋଷଣ କରି ଚାଲିଛି, ଯାହା ମହାନ୍ ୟୁରୋପୀୟ ଦାର୍ଶନିକ ଓ ଲେଖକ ଅରୋଏଲଙ୍କ 'ଆନିମଲ୍ ଫାର୍ମ'କୁ ମନେ ପକାଇଦେବାକୁ ବାଧ୍ୟ କରେ। ସେହିପରି ବ୍ୟବସ୍ଥାଗତ ସାମାଜିକ ଅବହେଳା, ଅନୀତି, କୁଶାସନ, ଦୁର୍ନୀତି ,ଭ୍ରଷ୍ଟାଚାର ଆଜି ସମଗ୍ର ଭାରତବର୍ଷକୁ ଗ୍ରାସ କରିଛି। ସମାଜର ସବୁ ବର୍ଗଙ୍କୁ କ୍ଷତ ବିକ୍ଷତ କରି ଚାଲିଛି। ଶିଶୁ, କିଶୋର, ଯୁବ, ବୃଦ୍ଧ ଆଦି ସମସ୍ତ ବର୍ଗର ବ୍ୟକ୍ତି ଏହାର କୁପ୍ରଭାବରେ କ୍ଷତବିକ୍ଷତ ହେଉଛନ୍ତି ମାତ୍ର ମହିଳା, ଯୁବତୀ, କିଶୋରୀ ଓ ଶିଶୁ କନ୍ୟାମାନେ ଏହାଦ୍ୱାରା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଚାଲିଛନ୍ତି ଯାହା, ଅତ୍ୟନ୍ତ କ୍ଷୋଭ ଓ ପରିତାପର ବିଷୟ। ଏହା ସର୍ବାଦୌ ଗ୍ରହଣୀୟ ଯେ, ମହିଳାମାନେ ହେଉଛନ୍ତି ସମାଜର ସୃଷ୍ଟିକର୍ତ୍ତୀ, ମାତୃଶକ୍ତିର ପ୍ରତୀକ ଓ ସାଂସ୍କୃତିକ ମୂଲ୍ୟବୋଧର ରକ୍ଷକ ଓ ଚାଳକ। ଶିଶୁଟିଏ ଜନ୍ମରୁ କେବଳ ମାତାର ସ୍ତନ୍ୟପାନ ଓ ଶିକ୍ଷାଦ୍ୱାରା ଶକ୍ତିଶାଳୀ ଓ ଶିକ୍ଷିତ ହୋଇଥାଏ। ଏହି ସବୁ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟରେ ସେମାନଙ୍କର ପ୍ରମୁଖ ଭୂମିକା ଥିଲେ ମଧ୍ୟ ଆଜି ମହିଳାଙ୍କ ଉପରେ ହେଉଥିବା ହିଂସା, ଅତ୍ୟାଚାର, ଅସମାନତା ଓ ଅପମାନ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହା କେବଳ ଏକ ଅପରାଧ ନୁହେଁ, ଏହା ସମାଜ ମନୋଭାବ, ସଂସ୍କାର, ଶିକ୍ଷା ଓ ପ୍ରତ୍ୟେକ ପରିବାରର ଆତ୍ମନିରୀକ୍ଷଣର ଗଭୀର ଅଭାବର ଚିହ୍ନ।






**ଡ. ବିମଳ ଷଡ଼ଙ୍ଗୀ**

ମାନବିକତା ହେଉଛି ମଣିଷର ପ୍ରଧାନ ଗୁଣ ଯାହା ମାଧ୍ୟମରେ ସେ ଅନ୍ୟର ସୁଖ ଓ ଦୁଃଖ ଅନୁଭବ କରିବା ସହିତ ସମ୍ବେଦନଶୀଳ ହୋଇ ନିଜର ଆଚରଣ ଓ ଉଚ୍ଚାରଣକୁ ପ୍ରକାଶ କରିଥାଏ। ଯେତେବେଳେ ମଣିଷ ମାନବିକତାକୁ ହରାଏ, ସେତେବେଳେ ସେ ଅନ୍ୟ ପଶୁଙ୍କ ସହିତ ସମାନ ହୋଇଯାଏ। ଫଳରେ ମଣିଷର ଦୁଇ ବିଭାଜନ ପୁରୁଷ କିମ୍ବା ମହିଳା ମଧ୍ୟରେ ପଶୁତ୍ୱ ଆଚରଣ ପ୍ରକାଶ ପାଏ। ସମାଜରେ ସଂଗଠିତ ମହିଳାମାନଙ୍କ ଉପରେ ଅତ୍ୟାଚାର ହେଉଛି ସେହି ପଶୁତ୍ୱ ପ୍ରବୃତ୍ତିର ଏକ ଜ୍ୱଳନ୍ତ ଉଦାହରଣ। ଯାହାର କାରଣ ଓ ପ୍ରତିକାର ଆଜି ସମାଜ ପାଇଁ ଏକ ବୃହତ ଆହ୍ୱାନ ସୃଷ୍ଟି କରିଛି।



## ଓଡ଼ିଶାରେ ମହିଳା ହିଂସା


୨୦୨୫ ମସିହାରେ କେବଳ ଓଡ଼ିଶାରେ ମହିଳା ଉପରେ ଅତ୍ୟାଚାର ଘଟଣା ଅତ୍ୟନ୍ତ ଭୟାନକ ଯାହା ଗୁରୁତର ଭାବେ ବୃଦ୍ଧି ପାଇଛି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁସାରେ ଜୁନ୍ ୨୦୨୪ ମସିହାରୁ ୨୦୨୫ ମସିହା ଜୁଲାଇ ମାସ ପର୍ଯ୍ୟନ୍ତ ମହିଳାଙ୍କ ଉପରେ ୩୭, ୬୧୧ଟି ଅପରାଧର ରିପୋର୍ଟ ହୋଇଛି ଓ ଅନ୍ୟଗୁଡ଼ିକର ତଥ୍ୟ ଆସିନାହିଁ। ଏହି ତଥ୍ୟ ଓଡ଼ିଶାରେ ମହିଳା ସୁରକ୍ଷା କେତେ ଚିନ୍ତାଜନକ ଅବସ୍ଥାରେ ରହିଛି, ତାହା ସ୍ପଷ୍ଟ ଅନୁମେୟ। ସେହିପରି ୨୦୨୫ ମସିହାରେ କିଛିଦିନ ପୂର୍ବରୁ ମାଲକାନଗିରିରେ ଜଣେ ୧୫ ବର୍ଷ ନାବାଳିକାର ଅପହରଣ ଓ ଗ୍ୟାଙ୍ଗ ରେପ୍ ଘଟଣା ଓ ରେପ୍ ପରେ ସେ ପଳାଇ ଯାଉଥିବା ବେଳେ ଗୋଟିଏ ଟ୍ରକ୍ ଡ୍ରାଇଭର ତାକୁ ଉଦ୍ଧାର କରିବା ଆଳରେ ପୁନଃ ଯୌନ ଉତ୍ପୀଡ଼ନ କରିଥିଲା, ଯାହା ଆଜି ସଭ୍ୟ ସମାଜର ଏକ କୁତ୍ସିତ ଓ ପଶୁତ୍ୱ ରୂପର ସୂଚନା ଦେଇଥାଏ। ସେହିପରି ଜୁଲାଇ ମାସରେ ପୁରୀ ଜିଲ୍ଲାର ୧୫-ବର୍ଷର ଝିଅକୁ ଜୀବନ୍ତ ପୋଡ଼ି ମାରିବାର ରହସ୍ୟ ଆଜି ପର୍ଯ୍ୟନ୍ତ ଉନ୍ମୋଚିତ ହୋଇପାରି ନାହିଁ। ଗତ ୪ ବର୍ଷରେ ଓଡ଼ିଶାର ବିଭିନ୍ନ ରାସ୍ତା ଓ ଜାତୀୟ ରାଜପଥରେ ମହିଳାଙ୍କ ଉପରେ ଆକ୍ରମଣର ୨୭୮୩ ଟି ଅଘଟଣର ସୂଚନା ମିଳିଛି ଏବଂ ଜାତୀୟ ସ୍ତରରେ ଏହାର ସଂଖ୍ୟା ବହୁତ ଅଧିକ। ତେବେ ପ୍ରଶ୍ନ ଉଠେ ଆମେ ଆଜି ସୂଚନା ପ୍ରଯୁକ୍ତି ଯୁଗରେ ପହଞ୍ଚି ସାରିଥିଲେ ମଧ୍ୟ ଆମର ମାନସିକ, ଶୈକ୍ଷିକ, ସାମାଜିକ, ବୌଦ୍ଧିକସ୍ତରରେ ମାନବିକତା, ସମ୍ବେଦନଶୀଳତା, ସମ୍ମାନବୋଧତା ଆଦି ମାନବ ଧର୍ମୀ ଗୁଣରାଜିର ଏତେ ଅବକ୍ଷୟ କାହିଁକି ?

# ପଶୁ ପ୍ରବୃତ୍ତିରୁ ଅମାନବିକ କାମ

ଏ କଥା ସତ୍ୟ ଯେ, ଯୁଗେଯୁଗେ କିଛି ମଣିଷ ଭିତରେ ପଶୁତ୍ୱ ପ୍ରବୃତ୍ତି ବେଳେବେଳେ ପ୍ରକାଶ ପାଏ ଯାହା, ସାମାଜିକ ଚଳଣି, ଶାନ୍ତ ପରିବେଶ, ଶିକ୍ଷା, ସଦୁପଦେଶର ଅଭାବ ଆଦି ଦ୍ୱାରା ମାନବିକ ପ୍ରବୃତ୍ତିକୁ ପରିବର୍ତ୍ତନ କରିଥାଏ, ମାତ୍ର ଯେତେବେଳ ସମାଜର ବିକୃତ ଶାସନ ବ୍ୟବସ୍ଥା ଦ୍ୱାରା ଅଳ୍ପ ସଂଖ୍ୟକ ପଶୁପ୍ରବୃତ୍ତି ମାନବଙ୍କ ସଂଖ୍ୟା ବହୁ ସଂଖ୍ୟାରେ ପରିବର୍ତ୍ତନ ହୁଏ, ସେତେବେଳେ ଏହି ପାଶବିକ ପ୍ରବୃତ୍ତିକୁ ମାନବିକ ପ୍ରବୃତ୍ତି ଭାବରେ ଗ୍ରହଣ କରାଯାଏ । ଏହି ବହୁ ସଂଖ୍ୟାର ପଶୁ ପ୍ରବୃତ୍ତି ଯେ କୌଣସି ଅମାନବିକ କର୍ମ କରିବାକୁ ଆଗଭର ହୋଇପାରେ । ଫଳରେ ମହିଳା ବା ପୁରୁଷଙ୍କୁ ଅତ୍ୟାଚାର ଓ ଲାଞ୍ଛିତ କରେ । ଭାରତ ଏକ ସଂସ୍କୃତିମୟ ଦେଶ ହୋଇଥିଲେ ମଧ୍ୟ ଚିରାଚରିତ ଧାରାରୁ ମହିଳାମାନେ ସମାଜରେ ବିଭିନ୍ନ ପ୍ରକାରର ଅନ୍ୟାୟ, ଅପମାନ ଓ ଅତ୍ୟାଚାରର ସମ୍ମୁଖୀନ ହେଉଛନ୍ତି ।

ଆଧୁନିକ ଯୁଗରେ ଶିକ୍ଷା, ଆର୍ଥିକ ଉନ୍ନତି ଓ ବିଜ୍ଞାନର ବିକାଶ ଘଟିଥିଲେ ମଧ୍ୟ, ମହିଳାଙ୍କ ଉପରେ ଅପରାଧ ଭୟଙ୍କର ଭାବରେ ବୃଦ୍ଧି ପାଇଛି । ଦାମ୍ପତ୍ୟ ହିଂସା, ଦୁଷ୍କର୍ମ, ଯୌତୁକ ଅତ୍ୟାଚାର, ଏସିଡ୍ ଆକ୍ରମଣ, ମାନବ ଚାଲାଣ, ମାନସିକ ଓ ସାମାଜିକଚାପ ଓ କାର୍ଯ୍ୟସ୍ଥଳୀର ଯୌନ ଉତ୍ପୀଡ଼ନ ଆଦି ଅନେକ ପ୍ରକାରର ଅପରାଧ ଏବେ ମଧ୍ୟ ମହିଳାମାନଙ୍କ ଜୀବନକୁ ବିପଦପୂର୍ଣ୍ଣ କରୁଛି । ଏହି ଅତ୍ୟାଚାରଗୁଡ଼ିକ କେବଳ ଏକ ଅପରାଧ ନୁହେଁ, ଏହା ଭାରତୀୟ ସମାଜରେ ଥିବା ଗଭୀର ରୁଗ୍ଣ ମାନସିକତା ଓ ତ୍ରୁଟିପୂର୍ଣ୍ଣ ଦୃଷ୍ଟିଭଙ୍ଗୀର ଫଳ । ଏହାର ମୁଖ୍ୟ କାରଣଗୁଡ଼ିକ ହେଲା:- ବହୁ ପୁରାତନ କାଳରୁ ଅଦ୍ୟାବଧି ପୁରୁଷଙ୍କୁ ସମାଜର 'ମୁଖ୍ୟ' ଓ ମହିଳାଙ୍କୁ 'ଦ୍ୱିତୀୟ' ଭାବେ ଦେଖାଯାଇଛି । ଏହି ପୁରୁଷ ପ୍ରଧାନ ଚିନ୍ତାଧାରା ସମାଜରେ ମହିଳାଙ୍କୁ ନିଜ ସ୍ୱାଧୀନତା, ମତାମତ, ସୁରକ୍ଷା ଓ ସମ୍ମାନକୁ ପ୍ରଭାବିତ କରେ । ଏହି ଚିନ୍ତାଧାରାରୁ ଉତ୍ପନ୍ନ ହୋଇ ପୁରୁଷମାନେ ମହିଳାଙ୍କୁ ସେମାନଙ୍କ 'ସମ୍ପତ୍ତି' ବୋଲି ଭାବନ୍ତି ଓ ସେମାନଙ୍କ ଉପରେ ଅଧିକାର ଦାବି କରନ୍ତି । ସେହିପରି ଆମ ସମାଜରେ ଅନେକ ମହିଳା ଘରେ କାମ କରୁଥିଲେ ମଧ୍ୟ ଆର୍ଥିକ ଭାବେ ସ୍ୱାଧୀନ ନୁହନ୍ତି । ଏହି ନିର୍ଭରତାରୁ ସେମାନେ ଘରୋଇ ହିଂସା କିମ୍ବା ଅତ୍ୟାଚାର ବିରୋଧରେ ସ୍ୱର ଉଠାଇପାରନ୍ତି ନାହିଁ । ଗ୍ରାମୀଣ ବା ସହରାଞ୍ଚଳରେ ଅନେକ ମହିଳା ସେମାନଙ୍କ ଅଧିକାର, ସମାନତା, ଆଇନ ଓ ସୁରକ୍ଷା ବିଷୟରେ ଅନଭିଜ୍ଞ । ଏହି ଅନଭିଜ୍ଞତା ଅପରାଧୀଙ୍କୁ ସାହସ ଦେବା ସହିତ ମହିଳାଙ୍କୁ ଦୁର୍ବଳ କରିଥାଏ । ଯୌତୁକ ପ୍ରଥା, ଝିଅକୁ ସମାଜରେ ଗୋଟିଏ ବୋଝ ବୋଲି ଭାବିବା, ଝିଅଙ୍କ ମତାମତକୁ ଅବହେଳା କରିବା ପ୍ରଥା ଆଜିବି ଅତ୍ୟାଚାରକୁ ଅଜାଣତରେ ବଢ଼ାଇ ଚାଲିଛି । ଅସଭ୍ୟ ସମଗ୍ରୀ, ଅଶ୍ଳୀଳତା, ଇଣ୍ଟରନେଟ୍‌ରେ ଭୁଲ ମେସେଜ୍ ବା ପୋର୍ନଗ୍ରାଫି ଯୁବପିଢ଼ିରେ ବିକୃତ ଦୃଷ୍ଟିକୋଣ ସୃଷ୍ଟି କରିବା ସହିତ ମହିଳାଙ୍କୁ ଏକ 'ବସ୍ତୁ' ଭାବେ ଦେଖିବାକୁ ଉତ୍ସାହିତ କରେ । ଆଇନର ଗଳାବାଟରେ ଅନେକ ଦୁଷ୍କର୍ମ କେସ୍‌ର ଅଭିଯୁକ୍ତମାନେ ଖୋଲାଖୋଲି ମୁକୁଳି ଯାଆନ୍ତି । ଦଣ୍ଡର ଭୟ ନ ଥିବାରୁ ଅପରାଧ ଅଧିକ ଭାବରେ ବଢ଼ି ଚାଲିଛି । ସାମାଜିକ ଲଜ୍ଜା, ପରିବାରର ଚାପ, ନିଜର ଅପମାନ ଭୟ କାରଣରୁ ଅନେକ ମହିଳା ବା ଯୁବତୀ ଅପରାଧ ଘଟିଲେ ମଧ୍ୟ ବିଚାରବିଭାଗକୁ ଜଣାଇବାକୁ ଭୟ କରୁଛନ୍ତି । ଦାମ୍ପତ୍ୟ ହିଂସା, ଦୁଷ୍କର୍ମ ଓ ଯୌନ ଉତ୍ପୀଡ଼ନ, କାର୍ଯ୍ୟସ୍ଥଳୀର ହଟହଟା, ଯୌତୁକ ନିର୍ଯାତନା, ଏସିଡ୍ ଆକ୍ରମଣ, ମାନବ ଚାଲାଣ ଆଦି ଏବେ ମହିଳା ନିର୍ଯ୍ୟାତନାକୁ ବହୁଗୁଣିତ କରିଛି । ମହିଳାମାନଙ୍କର ସମାନତା ଓ ସମ୍ମାନ ଅଭାବ ଯୋଗୁ ଅନେକ ମହିଳା ଆଜି ମଧ୍ୟ ଶିକ୍ଷା, ଚାକିରି ଓ ଆର୍ଥିକ ସ୍ୱାଧୀନତା ପାଇବାରେ ଅସମର୍ଥ । ସେମାନେ ନିଜ ଘରେ ଅତ୍ୟାଚାରିତ ହେଉଥିଲେ ମଧ୍ୟ ଘର ଛାଡ଼ି ଯିବାକୁ ଭୟ କରନ୍ତି । ଏପରିକି ୪୯୮ (କ), ଘରୋଇ ହିଂସା ଆଇନ, ପୋସ୍କୋ ନିୟମ, ପୋଶ ଆଇନ ଆଦି ପ୍ରଣିତ ନିୟମ ଅନେକ ମହିଳାଙ୍କୁ ମଧ୍ୟ ଜଣାନାହିଁ । କୌଣସି ମହିଳାଙ୍କ ସମସ୍ୟା ହେଲେ ସେମାନେ ପୋଲିସ ପାଖକୁ ବା ଥାନାକୁ ଯିବାକୁ ଭୟ କରନ୍ତି । ଆଜିକାଲିର ସୋସିଆଲ ମିଡିଆ ଓ ଅନ୍‌ଲାଇନ ଅପରାଧ ମଧ୍ୟ ଏବେ ଅତ୍ୟାଚାରର ଆକାରକୁ ବହୁଗୁଣିତ କରିଛି । ସାମାଜିକ ଗଣମାଧ୍ୟମରେ ଅନ୍‌ଲାଇନରେ ନିର୍ଯାତନା, ଅପମାନଜନକ କମେଣ୍ଟ, କୃତ୍ରିମ ବୁଦ୍ଧିମତା ଦ୍ୱାରା ନକଲି ଫଟୋ ପ୍ରସ୍ତୁତି ଓ ବ୍ଲାକ୍‌ମେଲ୍ ଆଦି ନୂଆ ରୂପର ଅତ୍ୟାଚାରରେ ମହିଳାମାନେ ଆଜି ନିଷ୍ପେସିତ ।






## ହିଂସାର ମୂଳ କାରଣ ମାଦକ ଦ୍ରବ୍ୟ ସେବନ

**ମଦ୍ୟପାନ, ଡ୍ରଗ୍ସ ଓ ଆକ୍ରୋଶର ବୃଦ୍ଧି ଅନେକ ଘରୋଇ ହିଂସାର ମୂଳ କାରଣ । ଫଳରେ ମାଦକ ଦ୍ରବ୍ୟ ସେବନ ଜନିତ କ୍ରୋଧ ନିୟନ୍ତ୍ରଣର ଅଭାବ, ମାନସିକ ଚାପ ଆଦିରେ ପ୍ରଧାନତଃ ଘରେ ଥିବା ମହିଳାମାନେ ଶିକାର ହୋଇଥାଆନ୍ତି । ଅତ୍ୟଧିକ ମୋବାଇଲ ନିର୍ଭରତା ଯୋଗୁ ସଂଗଠିତ ଡୋପାମିନ ସଂକ୍ରମଣ କାରଣରୁ ଯୁବପିଢ଼ିର ମାନସିକ ଚାପ ବୃଦ୍ଧି, ଅସନ୍ତୋଷ, ବେକାରୀ, ବେରୋଜଗାରି ଓ ମନୋବଳ ହ୍ରାସ, କ୍ରୋଧ, ଆକ୍ରୋଶ ଓ ଅସହିଷ୍ଣୁତା ଆଦିର ପ୍ରଥମ ଶିକାର ସାଧାରଣତଃ ଘରର ମହିଳାମାନେ ହୋଇଥାଆନ୍ତି । କଥା କଥାକେ ମହିଳାମାନଙ୍କୁ ଦୋଷାରୋପ କରିବା ଦ୍ୱାରା ସମାଜରେ ରହିଥିବା ଅପରାଧୀମାନଙ୍କୁ ଅଧିକ ସାହସ ଦେଇଥାଏ ।**

## କଠୋର ଦଣ୍ଡ ବିଧାନ ଆବଶ୍ୟକ

ନ୍ୟାୟିକ ବ୍ୟବସ୍ଥାର ମନ୍ଥର ଗତି ଯୋଗୁ ବର୍ଷବର୍ଷ ଧରି ବିଭିନ୍ନ ମାମଲା ନ୍ୟାୟାଳୟରେ ପଡ଼ି ରହେ । ସାକ୍ଷୀ ଅଭାବ, ସିଷ୍ଟମ ଦୁର୍ବଳତା କାରଣରୁ ଅପରାଧୀମାନେ ଶାସ୍ତି ନ ପାଇଲେ ଅନ୍ୟମାନେ ଭୟ କରନ୍ତି ନାହିଁ । ଶିକ୍ଷାର ପ୍ରସାର ଘଟିଥିଲେ ମଧ୍ୟ ପ୍ରକୃତ ମଣିଷ ହେବାର ଶିକ୍ଷା ଆଜି ପର୍ଯ୍ୟନ୍ତ ମିଳିପାରିନାହିଁ । ସମ୍ମାନ, ସମାନତା, ସହଯୋଗ ଶିଶୁବେଳୁ ଶିଖାଇବା ଦରକାର । ଶୈଶବ କାଳରୁ 'ନାରୀଙ୍କୁ ସମ୍ମାନ'ର ଶିକ୍ଷା, ମହିଳାଙ୍କ ଆର୍ଥିକ ସ୍ୱାଧୀନତା, ଦ୍ରୁତ ନ୍ୟାୟ ବ୍ୟବସ୍ଥା, ସାଇବର ସୁରକ୍ଷାର ଶକ୍ତିକରଣ, ମଦ୍ୟପାନ ଓ ଡ୍ରଗ୍ସ ବିରୋଧରେ ମଜଭୁତ କାର୍ଯ୍ୟ, ପୁରୁଷ ଓ ମହିଳାମାନଙ୍କ ପାଇଁ ମାନସିକ ସହାୟତା କେନ୍ଦ୍ର, ସମାଜର ଦୋଷାରୋପ ମନୋଭାବର ପରିବର୍ତ୍ତନ ଆଦି ଆବଶ୍ୟକ । ଶିକ୍ଷା ମନୁଷ୍ୟକୁ ସଚେତନ, ସମ୍ବେଦନଶୀଳ, ସଂଯମୀ ଓ ସମାଜପ୍ରତି ଉତ୍ତରଦାୟୀତ୍ୱ ଆଦି ଗୁଣରେ ଋଦ୍ଧିମନ୍ତ କରେ । ସ୍କୁଲ ଓ କଲେଜରେ ଲିଙ୍ଗ ସମାନତା ବିଷୟରେ ବିଶେଷ ପାଠ୍ୟକ୍ରମ ରହିବା ସହିତ ମହିଳାମାନଙ୍କୁ ଆର୍ଥିକ ସ୍ୱାଧୀନତା ପ୍ରଦାନ କରିବା ଓ ସେମାନଙ୍କ ସ୍ୱରକୁ ସମ୍ମାନ ଦେବା ଆବଶ୍ୟକ ।

ସ୍ୱୟଂସହାୟକ ଗୋଷ୍ଠୀ, କୌଶଳ ବିକାଶ, ସରକାରୀ ଯୋଜନାର ଲାଭ ଆଦି କାର୍ଯ୍ୟକ୍ରମ ଦ୍ୱାରା ସେମାନେ ଦୃଢ଼ ହୋଇପାରିବେ । ଦୁଷ୍କର୍ମ ଓ ହିଂସା କେସରେ 'ଫାଷ୍ଟ ଟ୍ରାକ୍' କୋର୍ଟ ଦ୍ୱାରା ତ୍ୱରିତ ନ୍ୟାୟ ପ୍ରଦାନ ସହିତ ଦଣ୍ଡକୁ କଠୋର କରିବା ଓ ଶୀଘ୍ର ପ୍ରୟୋଗ କରିବା ଆବଶ୍ୟକ । ସେହିପରି ଶାସନ ବ୍ୟବସ୍ଥାରେ ପୋଲିସ ବିଭାଗରେ ମହିଳା ଡେସ୍କ, ମହିଳା ଅଫିସର ବୃଦ୍ଧି କରିବା ଆବଶ୍ୟକ । ଗ୍ରାମାଞ୍ଚଳ, ସହରାଞ୍ଚଳରେ ସଚେତନତା ଶିବିର, ସୋସିଆଲ୍ ମିଡିଆ ଦ୍ୱାରା 'ମହିଳା ସମ୍ମାନ' ଅଭିଯାନକୁ ଗୃହସ୍ତରରୁ ସ୍କୁଲ, କାର୍ଯ୍ୟାଳୟ, ରାଜ୍ୟ ଓ ଦେଶ ପର୍ଯ୍ୟନ୍ତ ପ୍ରଚାର କରିବା ଆବଶ୍ୟକ । ଆତ୍ମରକ୍ଷା ପାଇଁ ମହିଳାମାନଙ୍କୁ କରାଟେ, ତାଇକ୍ୱାଣ୍ଡୋ, ସେଲ୍ଫ ଡିଫେନ୍ସ ଶିଖାଇବା ଦରକାର । ଏହା ସହିତ ସ୍କୁଲ, କଲେଜ, ମହିଳା ମଣ୍ଡଳରେ ଏହା ଦୃଢ଼ତାର ସହିତ କାର୍ଯ୍ୟକାରୀ ହେବା ଉଚିତ । ଡିଜିଟାଲ ସୁରକ୍ଷା ଓ ସାଇବର ଅପରାଧ ନିୟନ୍ତ୍ରଣ ପାଇଁ ମହିଳାମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଜରୁରି । ସେଲ୍ଫି, ଫଟୋ, ପ୍ରାଇଭେସି ସେଟିଂ ବିଷୟରେ ସଚେତନତା ସହିତ ସାଇବର୍ ସେଲର କାର୍ଯ୍ୟ କ୍ଷମତା ଓ ଦକ୍ଷତାର କାର୍ଯ୍ୟକାରିତାକୁ ବୃଦ୍ଧି କରିବା ଆବଶ୍ୟକ । ପରିବାରରରେ ଝିଅ ଓ ପୁଅକୁ ସମାନ ମୂଲ୍ୟ ଦେବା ଆବଶ୍ୟକ । ଏହା ସହିତ ମହିଳାଙ୍କୁ ନିଜର ନିଷ୍ପତ୍ତି ନେବାର ସ୍ୱାଧୀନତା ଦେବା ଉଚିତ । ସ୍ଥାନୀୟ ସ୍ତରରେ ମହିଳା ସୁରକ୍ଷା ବ୍ୟବସ୍ଥା ଯଥା ନିର୍ଭୟା ସ୍କ୍ୱାଡ୍, ରାତିରେ ପାଟ୍ରୋଲିଂ, ସୁରକ୍ଷିତ ବସ୍, ସିସିଟିଭି, ଷ୍ଟ୍ରିଟ୍ ଲାଇଟ୍ ଅଧିକ କରି ଶାସନ ବ୍ୟବସ୍ଥାକୁ ଅଧିକ ଦୃଢ କରିବା ଆବଶ୍ୟକ ।

ମହିଳା ଯେତେବେଳେ ସୁରକ୍ଷିତ, ସମ୍ମାନିତ, ସ୍ୱାଧୀନ ଓ ସମାନ ଅଧିକାରୀ ହେବେ, ସେତେବେଳେ ଦେଶର ପ୍ରକୃତ ଉନ୍ନତି ହୋଇପାରିବ । ଏହା ସତ୍ୟ ଯେ , ଅତ୍ୟାଚାରର କାରଣ କେବଳ ଆଇନ ଦ୍ୱାରା ସମାଧାନ ହୋଇପାରିବ ନାହିଁ । ଏହା ପାଇଁ ସମାଜ ଓ ଶାସନ ବ୍ୟବସ୍ଥାର ମନୋଭାବ ପରିବର୍ତ୍ତନ ଆବଶ୍ୟକ । ପରିବାର, ଶିକ୍ଷାବ୍ୟବସ୍ଥା, ସରକାର, ସମାଜ ସବୁ ମିଶି ମହିଳା ସୁରକ୍ଷା ଓ ସମ୍ମାନକୁ ପ୍ରଥମ ଗୁରୁତ୍ୱ ଦେବା ଦରକାର । ମହିଳାମାନେ ଦେଶର ଶକ୍ତି, ସଂସ୍କୃତିର ଭଣ୍ଡାର, ଘରର ଆଧାର ଓ ଉନ୍ନତିର ପଥ ପ୍ରଦର୍ଶିକା ସେମାନଙ୍କ ସୁରକ୍ଷା, ଦେଶର ସମୃଦ୍ଧି ଓ ସୁରକ୍ଷା ।




ଭୁବନେଶ୍ୱର

ସଶକ୍ତ, ସମୃଦ୍ଧ, ସ୍ୱାଧୀନ, ସୁଧାର, ସମାଜର ପ୍ରକୃତ ଅର୍ଥ କ'ଣ? ଯେତେବେଳେ ଏକ ରାଷ୍ଟ୍ର ବା ସମାଜର ଅଧା ଜନସଂଖ୍ୟା ନିଜର ଅସ୍ତିତ୍ୱ, ଅଧିକାର, ସୁଯୋଗ, ସ୍ୱୀକୃତି, ସମ୍ମାନ, ମର୍ଯ୍ୟାଦା ଏବଂ ମୌଳିକତା ପାଇଁ ସଂଘର୍ଷ କରୁଥିବ, ସାଲିସ୍ କରୁଥିବ, ସେତେବେଳେ କ'ଣ ଏକ ରାଷ୍ଟ୍ର ନିଜର ପ୍ରଗତି ଦାବି କରିପାରିବ କି? ଏହି ପରିପ୍ରେକ୍ଷୀରେ, ମହିଳା ସଶକ୍ତିକରଣ ସମାଜର ପ୍ରଗତି ଏବଂ ରାଷ୍ଟ୍ରର ବିକାଶ ସମ୍ଭାବନାର ସବୁଠାରୁ ନିର୍ଣ୍ଣାୟକ ସୂଚକ ଭାବରେ ଉଭା । ସଶକ୍ତ ମହିଳା ଏକ ପରିବାର, ଶିକ୍ଷା ବ୍ୟବସ୍ଥା, ଶ୍ରମ ବଜାର, ରାଜନୈତିକ ସ୍ଥାନ ଏବଂ ଜାତୀୟ ବିକାଶ ପଥକୁ ରୂପ ଦେଇଥାଏ । ଯଦି ଜଣେ ନାରୀକୁ ସାହସର ସହିତ ସ୍ୱପ୍ନ ଦେଖିବା, ମୁକ୍ତ ଭାବରେ ପ୍ରଶ୍ନ ପଚାରିବା ଏବଂ ସମାନ ଭାବରେ ଅଂଶଗ୍ରହଣ କରିବା ଶିଖାଯାଏ, ତେବେ ତାହା ଏକ ସୁସ୍ଥ, ସ୍ୱାବଲମ୍ବୀ, ସ୍ୱାଭିମାନୀ, ସମୃଦ୍ଧ ସମାଜ ଗଠନ କରିବାରେ ସହାୟକ ହୋଇବ ।





ଡ. ଅନ୍ତର୍ଜିତା ନାୟକ

# କିଛି କଥା, କିଛି ବ୍ୟଥା

## ନାରୀ ସଂଘର୍ଷ ଓ ନିର୍ଯାତନା

ସମଗ୍ର ବିଶ୍ୱରେ ଏହାର ପ୍ରମାଣ ରହିଛି ଯେ, ଯେତେବେଳେ ମହିଳାମାନେ ଶିକ୍ଷିତ, କୁଶଳୀ, ସୁସ୍ଥ ଏବଂ ଅର୍ଥନୈତିକ ଭାବରେ ସକ୍ରିୟ ହୁଅନ୍ତି, ସମଗ୍ର ସମାଜ ସମୃଦ୍ଧ ହୁଏ, ଦାରିଦ୍ର୍ୟ ହ୍ରାସ ହୁଏ, ଉତ୍ପାଦକତା ବୃଦ୍ଧି ପାଏ, ଶାସନରେ ଉନ୍ନତି ହୁଏ ଏବଂ ଆନ୍ତଃ-ପିଢ଼ିର ସୁସ୍ଥତା ମଜଭୁତ ହୁଏ । ଏହି ଅବିଶ୍ୱସନୀୟ ଲାଭ ସତ୍ତ୍ୱେ, ମହିଳାଙ୍କ ବିରୁଦ୍ଧରେ ଭେଦଭାବ, ଶୋଷଣ ଏବଂ ହିଂସା

ଆଜି ମଧ୍ୟ ସମାଜରେ ଦୃଶ୍ୟମାନ । ସମ୍ବଳର ଅସମାନ ଉପଲବ୍ଧତା ଏବଂ ନିଷ୍ପତ୍ତି ଗ୍ରହଣଠାରୁ ଆରମ୍ଭ କରି ଘରୋଇ ଦୁର୍ବ୍ୟବହାର, କାର୍ଯ୍ୟସ୍ଥଳରେ ଭେଦଭାବ ଓ ଶୋଷଣ, ମାନସିକ ଅତ୍ୟାଚାର ଏବଂ ସାମାଜିକ ନିର୍ଯାତନା ପର୍ଯ୍ୟନ୍ତ, ଏହି ପ୍ରତିବନ୍ଧକଗୁଡ଼ିକ ମହିଳାଙ୍କ ଆତ୍ମବିଶ୍ୱାସକୁ ହ୍ରାସ କରିଚାଲିଛି, ସେମାନଙ୍କ ଗତିଶୀଳତାକୁ ସୀମିତ କରିଚାଲିଛି ଏବଂ ସେମାନଙ୍କ ସୁଯୋଗକୁ ଖଣ୍ଡବିଖଣ୍ଡିତ କରିଚାଲିଛି । ମହିଳା ସଶକ୍ତୀକରଣର ଆବଶ୍ୟକତା କେବଳ ହେଉଥିବା ଅନ୍ୟାୟକୁ ସଂଶୋଧନ କରିବା ଉପରେ ନିର୍ଭର କରେ ନାହିଁ, ବରଂ ମହିଳାମାନଙ୍କ କଲ୍ୟାଣ ଏବଂ ଜାତୀୟ ପ୍ରଗତିକୁ ଦୁର୍ବଳ କରୁଥିବା ବାସ୍ତବତାର ମୁକାବିଲା କରିବା ଉପରେ ନିର୍ଭର କରେ ।

### ସମ୍ମାନରୁ ନିର୍ଯାତନା

ଭାରତୀୟ ଦର୍ଶନ, ପୌରାଣିକ କଥା ଏବଂ ସଂସ୍କୃତିର ବିଶାଳ, ପ୍ରାଚୀନ ପରିଦୃଶ୍ୟରେ, 'ନାରୀ' ଶବ୍ଦଟି ଶ୍ରଦ୍ଧା, ଶକ୍ତି, ଧୈର୍ଯ୍ୟ, ସହନଶୀଳତା, ସହାନୁଭୂତି ଏବଂ ସୌନ୍ଦର୍ଯ୍ୟର ପ୍ରତୀକ । ନାରୀ ହେଉଛି ପ୍ରାଣଦାୟିନୀ ଦେବୀଙ୍କ ପ୍ରତିମୂର୍ତ୍ତି । ଭାରତୀୟ ଆଧ୍ୟାତ୍ମିକ ଆଲୋଚନାରେ, ମହିଳାମାନଙ୍କୁ ଶକ୍ତିର ରୂପ ଭାବରେ ସମ୍ମାନିତ କରାଯାଏ । ପ୍ରାଚୀନ ଗ୍ରନ୍ଥ ଏବଂ ଲୋକକଥାରେ ମହିଳାମାନଙ୍କୁ ସଭ୍ୟତାର ସୃଷ୍ଟିକର୍ତ୍ତା, ଧର୍ମର ରକ୍ଷକ, ସମୃଦ୍ଧି ଏବଂ ଜ୍ଞାନର ଅଭିଭାବକ ଭାବରେ ଶ୍ରେୟ ଦିଆଯାଇଛି । ଜ୍ଞାନର ଦେବୀ ସରସ୍ୱତୀଙ୍କଠାରୁ ଆରମ୍ଭ କରି ଧନର ଦେବୀ ଲକ୍ଷ୍ମୀଙ୍କ ପର୍ଯ୍ୟନ୍ତ, ଭାରତୀୟ ସଂସ୍କୃତିରେ ମହିଳାମାନେ ଜୀବନଦାନକାରୀ ଶକ୍ତିର ପ୍ରତୀକ । ଏହି ପରିପ୍ରେକ୍ଷୀରେ, "ନାରୀ ହେଉଛି ନାରାୟଣୀ", ଯାହା କେବଳ ଏକ ରୂପ ନୁହେଁ ବରଂ ମହିଳାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଶକ୍ତି ଏବଂ ଗୌରବର ସ୍ୱୀକୃତି । ଭାରତର ଇତିହାସ ଯେତେବେଳେ ରାଣୀ ଲକ୍ଷ୍ମୀବାଇ, ଆନି ବେଶାନ୍ତ, ସରୋଜିନୀ ନାଇଡୁ, କୁନ୍ତଳା କୁମାରୀ ସାବତ, ସତ୍ୟବତୀ ଦେବୀ, ରମାଦେବୀ ଚୌଧୁରୀଙ୍କ ଭଳି ମହିୟସୀ ମହିଳାଙ୍କ ଅବଦାନ, ବଳିଦାନ ଓ ସାହାସିକତାର ମୂକସାକ୍ଷୀ, ସେତେବେଳେ ମହିଳାଙ୍କୁ ଏକ ଭୟଙ୍କର ଓ କାଳ୍ପନିକ ରୂପର ଆଖ୍ୟା ଦେଇ ଡାହାଣୀ ବୋଲି ବିବେଚିତ କରିବା, ତାକୁ ନିର୍ଯାତନା ଦେବା, ଅତ୍ୟାଚାର କରିବା, ନାରୀତ୍ୱ ଭଳି ଅଧିକାରକୁ ତା ପାଖରୁ ଛଡ଼େଇ ନେବା, କେତେ ସମୀଚୀନ?



## କୁପ୍ରଥାର ନିର୍ମମତା

ଭାରତର ନ୍ୟାସନାଲ୍ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ ଦର୍ଶାଇଛି ଯେ, ୨୦୦୦ ରୁ ୨୦୧୬ ମସିହା ମଧ୍ୟରେ ସାରା ଦେଶରେ ୨,୫୦୦ରୁ ଅଧିକ, ମୁଖ୍ୟତଃ ମହିଳାଙ୍କର, କଳା ଯାଦୁକରୀ ବା ଡାହାଣୀ ଅଭିଯୋଗରେ ହତ୍ୟା କରାଯାଇଥିଲା । ଏହି ପ୍ରଥା ଭାରତର ୧୨ଟି ରାଜ୍ୟ ଯଥା ଆସାମ, ବିହାର, ଛତିଶଗଡ଼, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ରାଜସ୍ଥାନ, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ଅଧିକ ପ୍ରଚଳିତ ।

ବିଶେଷକରି ବିଧବା, ଏକୁଟିଆ ରହୁଥିବା ମହିଳା ବା ଅବିବାହିତ ମହିଳାଙ୍କୁ, କଳା ଯାଦୁକରୀ ଅଭ୍ୟାସ କରୁଥିବା ଅଭିଯୋଗରେ ସେମାନଙ୍କ ଛବିକୁ କଳୁଷିତ କରାଯାଏ । ଏହି ଅଭିଯୋଗଗୁଡ଼ିକ ସାଧାରଣତଃ ଅନ୍ଧବିଶ୍ୱାସ, ଈର୍ଷା, ସମ୍ପତ୍ତି ବିବାଦ କିମ୍ବା ସ୍ୱାଧୀନ ମହିଳାମାନଙ୍କୁ ନିୟନ୍ତ୍ରଣ କରିବାର ଉଦ୍ଦେଶ୍ୟରୁ ଉତ୍ପନ୍ନ ହୋଇଥାଏ । ଯଦି ପିଲାଙ୍କୁ ଝାଡ଼ା-ବାନ୍ତି ହେଉଛି, ତେବେ ବୋଧହୁଏ ପିଶାଚୁଣୀର ନଜର ଲାଗିଯାଇଛି । ଯଦି ଲଗାତାର କମ୍ପ-ଜ୍ୱର ହେଉଛି ତେବେ ସେ ବ୍ୟକ୍ତିଙ୍କୁ ଡାହାଣୀ ଲାଗିଛି । ଭଲ ଫସଲ ହେଉ ନାହିଁ, ସ୍ୱାମୀ-ସ୍ତ୍ରୀ ଭିତରେ ଭଲ ପଡୁନାହିଁ, ଜମି-ଜମା ବିବାଦ ମେଣ୍ଟୁ ନାହିଁ ଇତ୍ୟାଦି ପଛରେ ଡାହାଣୀ, ପିଶାଚୁଣୀ, ଚିରିଗୁଣୀଙ୍କ ହାତ । ମହିଳାମାନଙ୍କୁ ଡାହାଣୀ ବା ପିଶାଚୁଣୀର ଆଖ୍ୟା ଦିଆଯାଇ ସେମାନଙ୍କ ନଖ ବାହାର କରିଦିଆଯାଏ, ମଳ ଖାଇବାକୁ ବାଧ୍ୟ କରାଯାଏ, ଉଲଗ୍ନ ହୋଇ ପରିକ୍ରମା କରିବାକୁ କୁହାଯାଏ ନ ହେଲେ ମାରି ମାରି ପ୍ରାଣରୁ ମାରି ଦିଆଯାଏ, ନ ହେଲେ ଜିଅନ୍ତା ଜାଳି ଦିଆଯାଏ । ବେଳେବେଳେ ଋତୁସ୍ରାବକୁ ମଧ୍ୟ ଗୁଣି ଗାରେଡ଼ି ସାଙ୍ଗରେ ଯୋଡ଼ା ହୋଇଥାଏ । ଏହାବ୍ୟତୀତ, ଭାରତରେ ଏମିତି ଅନେକ ଗାଁ ଅଛି, ଯେଉଁଠି ଗାଁ ବାହାରେ ଓ ସାମାଜିକ ବସବାସଠାରୁ ଖୁବ୍ ଦୂରରେ ଏକ ସଙ୍ଗରୋଧ କେନ୍ଦ୍ର କରାଯାଇଥାଏ, ଯେଉଁଠି ନାରୀମାନଙ୍କର ଋତୁସ୍ରାବ ହେଲେ ସେମାନେ ସେଠାରେ ଯାଇ ରୁହନ୍ତି । ସେହି ବାଟ ଦେଇ କେହି ଯିବେନି, କି ଋତୁସ୍ରାବ ହେଉଥିବା ନାରୀକୁ କେହି ଛୁଇଁବେ ନାହିଁ ବା ଦେଖିବେ ନାହିଁ । ସେଠାରେ ରହୁଥିବା ମହିଳା ଦିନକୁ ଥରେ ରାନ୍ଧିବ ଆଉ ଦିନ ସାରା ସେଇ ଖାଦ୍ୟକୁ ଖାଇବା ରାତି ପାହିଲା ନିଜ କାମ ସାରି କୁଡ଼ିଆ ଭିତରକୁ ଯିବାକୁ ବାଧ୍ୟ । କିଛିଟା ଛିଣ୍ଡା-ଅସନା କପଡ଼ା ଯୋଗାଇ ଦିଆଯାଇଥାଏ ଋତୁସ୍ରାବ ଜନିତ ରକ୍ତସ୍ରାବରେ ବ୍ୟବହାର କରିବାକୁ । ଯାହାଫଳରେ ମହିଳାମାନେ ନିଜ ପ୍ରଜନନ ସ୍ୱାସ୍ଥ୍ୟର ଯତ୍ନ ନେଇପାରନ୍ତି ନାହିଁ ଓ ଏଣ୍ଡୋମେଟ୍ରିଓସିସ୍ ଏବଂ ପଲିସିଷ୍ଟିକ୍ ଓଭାରିଆନ୍ ସିଣ୍ଡ୍ରୋମ ଭଳି ରୋଗରେ ପୀଡ଼ିତ ହୁଅନ୍ତି । ଡାହାଣୀର ଆଖ୍ୟା ବା ଏଭଳି କିଛି କୁପ୍ରଥା, ମହିଳାମାନଙ୍କର କେବଳ ମର୍ଯ୍ୟାଦାହାନୀ କରେ ନାହିଁ, ବରଂ ସମାଜରୁ ସେମାନଙ୍କର ସାମ୍ଭାବ୍ୟ ଅବଦାନ ଉପରେ ମଧ୍ୟ କଟକଣା ଲଗାଇଥାଏ, ଯେଉଁଥିରେ ମହିଳାମାନଙ୍କୁ କୁପରମ୍ପରା, ଅନ୍ଧବିଶ୍ୱାସ ଏବଂ ଲିଙ୍ଗଗତ ବେଆଇନ ଭଳି ବନ୍ଧନ ଶ୍ୱାସରୁଦ୍ଧ କରିଥାଏ ।

## ଅବହେଳିତ ନାରୀ

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ, ୨୦୧୯-୨୧ ଅନୁଯାୟୀ, ସମ୍ପୂର୍ଣ୍ଣ ଟିକାକରଣ ଅଭିଯାନ ସାମଗ୍ରିକ ଭାବରେ ଉନ୍ନତି କରିଥିବାବେଳେ, ଲିଙ୍ଗଗତ ଅସମାନତା କିନ୍ତୁ ଜାରି ରହିଛି । ଭାରତରେ, ସମ୍ପୂର୍ଣ୍ଣ ଟିକାକରଣ ପୁଅମାନଙ୍କ ପାଇଁ ୭୭.୨% ଥିବାବେଳେ ଝିଅମାନଙ୍କ ପାଇଁ ୭୫.୫% । ଡି.ପି.ଟି.ଟିକାର ତୃତୀୟ ଡୋଜ ଛାଡ଼ିବାର ହାର ପୁଅଙ୍କ ତୁଳନାରେ ଝିଅଙ୍କ କ୍ଷେତ୍ରରେ ୪.୨% ଅଧିକ । ମିଳିମିଳା ଟିକା କଭରେଜ୍‌ରେ ଝିଅ ୮୫% ଓ ପୁଅ ୮୭% ଥିବାବେଳେ, ବିସିଜି ଟିକାକରଣରେ ପୁଅଙ୍କ ହାର ୯୧.୨% ଓ ଝିଅଙ୍କର ୮୯.୫% । ଅଧ୍ୟୟନରୁ ଜଣାପଡ଼ିଛି ଯେ, ଲିଙ୍ଗଗତ ଅସମାନତା ଥିବା ରାଜ୍ୟଗୁଡ଼ିକରେ, ପୁଅଙ୍କ ତୁଳନାରେ ଟିକାକରଣ ହୋଇନଥିବା ଝିଅମାନଙ୍କର ପ୍ରତିରୋଧଯୋଗ୍ୟ ରୋଗଜନିତ ବିପଦ ୩୦% ଅଧିକ। ଯେଉଁ ଝିଅମାନେ ଅତ୍ୟାବଶ୍ୟକ ଟିକାକରଣରୁ ବଞ୍ଚିତ ହୁଅନ୍ତି, ସେମାନଙ୍କ ମଧ୍ୟରେ ଦୀର୍ଘକାଳୀନ ଅସୁସ୍ଥତା, ଗର୍ଭାବସ୍ଥା ସମୟରେ ଜଟିଳତା ଏବଂ ଅଧିକ ମାତୃ ମୃତ୍ୟୁହାର ପରିଲକ୍ଷିତ ହୋଇଥାଏ ଓ ରୁବେଲା ଏବଂ ହେପାଟାଇଟିସ୍ ବି ଭଳି ସଂକ୍ରାମକ ରୋଗର ଜଟିଳତା ଦ୍ୱାରା ୪୦% ଅଧିକ ପ୍ରଭାବିତ ମଧ୍ୟ ହୋଇଥା'ନ୍ତି । ଟିକାକରଣରେ ଲିଙ୍ଗଗତ ଅସମାନତା ନିରନ୍ତର ବିକାଶ ଲକ୍ଷ୍ୟ, ବିଶେଷକରି ଲକ୍ଷ୍ୟ-୩ (ଉତ୍ତମ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ) ଏବଂ ଲକ୍ଷ୍ୟ-୫ (ଲିଙ୍ଗଗତ ସମାନତା) ହାସଲ କରିବା ଦିଗରେ ଭାରତର ଅଗ୍ରଗତିକୁ ସିଧାସଳଖ ବାଧା ଦେଇଥିବାବେଳେ, ନାରୀ ସଶକ୍ତୀକରଣ ଦିଗରେ ଏକ ଗମ୍ଭୀର ପ୍ରଶ୍ନ ମଧ୍ୟ ଉଠାଉଛି । ଶିଶୁ ସ୍ୱାସ୍ଥ୍ୟ ଫଳାଫଳକୁ ଉନ୍ନତ କରିବାରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି କରିଥିବାବେଳେ, ଝିଅମାନଙ୍କ ଯତ୍ନ ଏବଂ ବଞ୍ଚିବା କ୍ଷେତ୍ରରେ ଏକ ସ୍ପଷ୍ଟ ଲିଙ୍ଗଗତ ପାର୍ଥକ୍ୟ ପରିଲକ୍ଷିତ । ଗର୍ଭଧାରଣ-ପୂର୍ବ ଏବଂ ପ୍ରସବ-ପୂର୍ବ ନିଦାନ କୌଶଳ ଅଧିନିୟମ,୧୯୯୪ ମସିହା ଭଳି ଆଇନଗତ ପ୍ରୟାସ ସତ୍ତ୍ୱେ, ୨୦୧୧ ଜନଗଣନା ରିପୋର୍ଟ ଅନୁଯାୟୀ ପ୍ରତି ୧୦୦୦ ପୁଅଙ୍କ ପିଛା ମାତ୍ର ୯୧୮ ଝିଅ ହିଁ ଏ ଧରାକୁ ଆସିପାରିଥିଲେ । ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠି ରିପୋର୍ଟ ଅନୁଯାୟୀ,୨୦୨୦ ମସିହାରେ ଭାରତୀୟ ଜନସଂଖ୍ୟାର ପ୍ରାୟ ୪.୬କୋଟି ଝିଅ, ଜନ୍ମ ପରେ 'ନିଖୋଜ' ଥିବାର ଜଣାପଡ଼ିଛି । ୨୦୧୨ ମସିହାରେ ଭାରତରେ ପାଞ୍ଚ ବର୍ଷରୁ କମ୍ ବୟସର ଝିଅଙ୍କ ମୃତ୍ୟୁ ଅତିରିକ୍ତ ୧୧.୭% ଥିଲା, ଯାହା ସୂଚିତ କରେ ଯେ ୯ଟି ମୃତ୍ୟୁ ମଧ୍ୟରୁ ଗୋଟିଏ ମୃତ୍ୟୁ ପ୍ରସବ ପରବର୍ତ୍ତୀ ଲିଙ୍ଗ ଚୟନ ପାଇଁ ଦାୟୀ । ଦୁଇଟା ଝିଅ ପରେ ଯଦି ତୃତୀୟ ଛୁଆଟି ମଧ୍ୟ ଝିଅ ହୋଇଗଲା, ତେବେ ତା'ର ମୃତ୍ୟୁକୁ ସ୍ୱାଭାବିକ ଓ ପ୍ରାକୃତିକ ଦେଖାଇବାକୁ ଯାଇ, ବେଳେବେଳେ ଶିଶୁଟିର ମା' ଶିଶୁଟିକୁ କ୍ଷୀର ଖୁଆଏ ନାହିଁ । ନବଜାତ କନ୍ୟା ଶିଶୁ ଲାଗି ଆବଶ୍ୟକ ଯତ୍ନ ଶିଶୁଟିକୁ ଦିଆଯାଏ ନାହିଁ । ଫଳସ୍ୱରୂପ, ଶିଶୁଟି ରୁଗ୍ଣ ଓ ଅନାହାରରେ ମରିଯାଏ । ପରିବାରଜନ ଏହା ଦର୍ଶାନ୍ତି ଯେ, ଛୁଆଟିର ସ୍ୱାସ୍ଥ୍ୟ ଖରାପ ହେତୁ ସେ ମରିଗଲା । ଜନ୍ମ ପରେ ଝିଅମାନଙ୍କ ପ୍ରତି ପକ୍ଷପାତିତା ଜାରି ରହେ, ଯେଉଁଥିରେ ଅନ୍ୟ ଏକ ବ୍ୟାପକ ସମସ୍ୟା ହେଉଛି ଜନ୍ମ ପରେ ଝିଅମାନଙ୍କୁ ପରିତ୍ୟାଗ କରିବା । କେତେକ କ୍ଷେତ୍ରରେ, ନବଜାତ କନ୍ୟା ଶିଶୁଙ୍କୁ ସମାଜର ମୂଲ୍ୟବାନ ସଦସ୍ୟ ପରିବର୍ତ୍ତେ ବୋଝ ଭାବି, ରାସ୍ତା କଡ଼ରେ, କୁଢ଼ାଦାନୀରେ, ରେଳ ଟ୍ରାକ୍‌ରେ, ମନ୍ଦିର ପାହାଚରେ, ପରିତ୍ୟାଗ କରିଦିଆଯାଏ, ନ ହେଲେ ମରିବାକୁ ଛାଡ଼ିଦିଆଯାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ୨୦୧୯-୨୦୨୦ର ତଥ୍ୟ ଅନୁଯାୟୀ, ଝିଅମାନେ ପୁଅମାନଙ୍କ ଅପେକ୍ଷା ଅଧିକ ଅପପୁଷ୍ଟିର ସମ୍ମୁଖୀନ । ୟୁନିସେଫ୍ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଗ୍ରାମୀଣ ଭାରତର ୩୭% ପରିବାର ବିଶ୍ୱାସ କରନ୍ତି ଯେ ଝିଅମାନଙ୍କ ଅପେକ୍ଷା ପୁଅଙ୍କ ସ୍ୱାସ୍ଥ୍ୟରେ ବିନିଯୋଗ କରିବା ଅଧିକ ଲାଭଦାୟ ।





## ଅଦୃଶ୍ୟ ଶ୍ରମରେ ତିଆରି ନାରୀଶକ୍ତିର ସମ୍ବଳ

ଆମେ ଯେତେବେଳେ କହି ଦେଉ 'ସେ ସାମାନ୍ୟ ଜଣେ ଗୃହିଣୀ ଓ ସେ କିଛି କରେ ନାହିଁ, ବା ସେ କେବଳ ଜଣେ ହାଉସ୍ ୱାଇଫ୍', ସେତେବେଳେ ବୋଧହୁଏ ଆମେ ଭୁଲି ଯାଉ ଯେ, ସେଇ ହାଉସ୍ ୱାଇଫ୍ ବା ଗୃହିଣୀ ହିଁ ନାରୀସଶକ୍ତୀକରଣ ଆହ୍ୱାନକାରୀ । ସେଇ ହାଉସ୍ ୱାଇଫ୍ ଯୋଗୁଁ ସମାଜରେ କେତେ ଲୋକ ସଶକ୍ତ । ହାଉସ୍ ୱାଇଫ୍ ବେରୋଜଗାର, ବେକାର, ବୋଲି ଆମେ କହି ତା'ର ବଳିଦାନ, ନିଷ୍ଠା, ପରୋପକାରିତା ଏବଂ ପରିବାର ଲାଗି ତା'ର କର୍ତ୍ତବ୍ୟ, ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦରକୁ ହତାଦର କରନ୍ତି । ଏହି ଅବୈତନିକ ଘରୋଇ ଶ୍ରମିକମାନଙ୍କୁ ଆମେ କେବଳ ହାଉସ୍ ୱାଇଫ୍ ବୋଲି କହି ଅଣଦେଖା କରନ୍ତି । ଶତକଡ଼ା ୯୨ ଭାଗ ଭାରତୀୟ ମହିଳା ଅବୈତନିକ ଘରୋଇ ଶ୍ରମିକ ଭାବେ କାର୍ଯ୍ୟରତ, ଯାହାଙ୍କର ନା ତ ଅଛି ପେନସନ୍, ନା ଭବିଷ୍ୟନିଧି ପାଣ୍ଠି ନା ଦୁର୍ଘଟଣା ଜନିତ କ୍ଷତିପୂରଣ ଓ ନା ହିଁ ଅବସର । ଦେଶର ସମୂଳ ଘରୋଇ ଉତ୍ପାଦର ହିସାବ ବେଳେ ଏଇ ଅବୈତନିକ ଶ୍ରମିକ ଓରଫ୍ ହାଉସ୍ ୱାଇଫ୍ ଓରଫ୍ ସାମାନ୍ୟ ଗୃହିଣୀମାନଙ୍କର ଶ୍ରମ ଏବଂ ଅବଦାନକୁ ଗଣତି କରାଯାଏ ନାହିଁ । ଗୃହିଣୀମାନଙ୍କ ଦ୍ୱାରା ପ୍ରଦତ୍ତ ସେବାଗୁଡ଼ିକର ମୂଲ୍ୟକୁ ଅର୍ଥରେ ସଠିକ୍ ଭାବରେ ମାପିବା ଅତ୍ୟନ୍ତ କଷ୍ଟକର, କିନ୍ତୁ ଯଦି ଆମେ ଗୃହିଣୀଙ୍କର ସେଇ ଅବୈତନିକ କାର୍ଯ୍ୟର ସଠିକ୍ ମୂଲ୍ୟାଙ୍କନ କରି ବୈତନିକ କାମର ଦରମା ସହିତ ସମାନ ଭାବରେ କ୍ଷତିପୂରଣ ଦେବା, ତେବେ ତାହା ଭାରତର ଆର୍ଥିକ ଉତ୍ପାଦନରେ ବର୍ଷକୁ ୩୦୦ କୋଟି ଆମେରିକୀୟ ଡଲାରର ସହାୟକ ହେବ । ଯେହେତୁ ଆମେ ସେଇ ଗଣନା କରୁନାହାନ୍ତି ବା କରିପାରୁନାହାନ୍ତି, ତାହା ମାନେ ନୁହେଁ ଯେ, ଆମେ କହିବା, 'ସେ ସାମାନ୍ୟ ଜଣେ ଗୃହିଣୀ' । ହାଣ୍ଡିଶାଳ ହେଉ ବା ପାଠଶାଳା ହେଉ, କର୍ମଭୂମି ହେଉ ବା ଅକ୍ଷର ଭୂମି ହେଉ, ସଭା ସମ୍ମିଳନୀ ହେଉ ବା ଘରର ଚାରି କାନ୍ଥ, ନାରୀର ଭୂମିକା ନିଆରା ଯାହାକୁ ଅଣଦେଖା କରିବାଟା ଅଜ୍ଞାନତାର ପରିଚୟ । ନାରୀ ମହାନ, ନାରୀ ନମନୀୟା, ନାରୀ ସୃଷ୍ଟି, ନାରୀ ହିଁ ଭବିଷ୍ୟତ- ସେ ସାମାନ୍ୟ ଗୃହିଣୀ ହେଉ ବା ଅପାଠୁଆ ବୋଉ ହେଉ ବା କର୍ମଜୀବି ମହିଳା ହେଉ । ସେମାନଙ୍କୁ କୌଣସି ପ୍ରକାର ନିର୍ଯାତନା ଦେବା ବା ଅବହେଳା କରିବା ଉଚିତ ନୁହେଁ ।

## ଅଦୃଶ୍ୟ ମୂଳ, ଅବହେଳିତ ଫୁଲ

ମହିଳାମାନଙ୍କର ସଫଳତା, ଅବଦାନ, ବଳିଦାନ, ଉଦ୍ଭାବନ, ଆବିଷ୍କାର ବା ସାମଗ୍ରିକ ବିକାଶ ଦିଗରେ ମହିଳାମାନଙ୍କର ଭୂମିକାକୁ ବହୁତ କମ ବର୍ଣ୍ଣନା ଓ ଆଲୋଚନା କରାଯାଏ । ସେଥିଲାଗି ବୋଧେ ଭାରତକୁ ଇଂରେଜମାନଙ୍କ ଶାସନରୁ ମୁକ୍ତ କରାଇବାରେ ପ୍ରମୁଖ ରାଣୀ ଭେଲୁ ନାଚିୟାର, ରାଣୀ ଲକ୍ଷ୍ମୀବାଇ, ଆନି ବେଶାନ୍ତ, ସରୋଜିନୀ ନାଇଡୁ, କୁନ୍ତଳା କୁମାରୀ ସାବତ, ସତ୍ୟବତୀ ଦେବୀ, ରମାଦେବୀ ଚୌଧୁରୀଙ୍କ ଭଳି ଅନେକ ମହିଳାଙ୍କ ଅବଦାନ ଓ ବଳିଦାନ ଅତୁଳନୀୟ ରହିଛି । ସେହିପରି ମହିଳାମାନଙ୍କର ଶିକ୍ଷା ଓ ସଶକ୍ତୀକରଣ ଦିଗରେ ସାବିତ୍ରୀବାଇ ଫୁଲେଙ୍କ ଭଳି ନାରୀଙ୍କ କୀର୍ତ୍ତି ଅବର୍ଣ୍ଣନୀୟ ଓ ଚିରସ୍ମରଣୀୟ ଥିଲେ ମଧ୍ୟ ବା ସାମାଜିକ କାର୍ଯ୍ୟରେ ମଦର ଟେରେସାଙ୍କ ଭଳି ସମର୍ପିତ ମହିଳାଙ୍କ ଭୂମିକା ଅନନ୍ୟ ଥିଲେ ମଧ୍ୟ କୌଣସି ନାରୀ କିନ୍ତୁ 'ରାଷ୍ଟ୍ରର ଜନନୀ' ବା 'ମଦର୍ ଅଫ୍ ଦି ନେସନ୍' ହୋଇପାରିଲେ ନାହିଁ । ସେହିପରି ଅର୍ଥଶାସ୍ତ୍ରର ପିତା- ଆଡାମ୍ ସ୍ମିଥ, ବିଜ୍ଞାନର ପିତା-ଗାଲିଲିଓ, ଗଣିତର ପିତା-ଆର୍କିମିଡିସ, କମ୍ପ୍ୟୁଟରର ପିତା- ଚାର୍ଲସ ବ୍ୟାବେଜ୍ ଥିଲାବେଳେ, ମ୍ୟାଡ଼ାମ୍ ମେରୀକ୍ୟୁରି ପ୍ରଥମ ମହିଳା ଭାବେ ଦୁଇ ଦୁଇଟି ବିଷୟରେ ନୋବେଲ ପୁରସ୍କାର ପାଇଥିଲେ ମଧ୍ୟ କୌଣସି ବିଷୟର 'ଜନନୀ' ହୋଇ ପାରିଲେ ନାହିଁ ।



ମ୍ୟାଡ଼ାମ୍ ମେରୀକ୍ୟୁରି

ଗାଲିଲିଓ (ଟେଲିସ୍କୋପ), କାର୍ଲବେଞ୍ଜ (ଅଟୋମୋବାଇଲ), ଆଲେକ୍ସଜାଣ୍ଡାର୍ ଗ୍ରାହାମ୍ ବେଲ୍ଙ୍କ (ଟେଲିଫୋନ୍) ପରି ପ୍ରସିଦ୍ଧ ଉଦ୍ଭାବକଙ୍କ ବିଷୟରେ ହୁଏ ତ ପିଲା ସ୍କୁଲରେ ପଢୁଥିବେ, କିନ୍ତୁ ଗ୍ରେସ୍ ହପର୍ ଏବଂ ଷ୍ଟେଫନି କ୍ୱୋଲେକ୍ଙ୍କ ବିଷୟରେ କେତେ ଜାଣୁଛନ୍ତି? ଏହି ଦୁଇ ମହିଳାଙ୍କ ମଧ୍ୟରୁ ଜଣେ କମ୍ପ୍ୟୁଟର ପ୍ରୋଗ୍ରାମିଂ ପାଇଁ ପ୍ରଥମ କମ୍ପାଇଲର ଉଦ୍ଭାବନ କରି ସବୁଦିନ ଲାଗି ଟେକ୍ନୋଲୋଜିକୁ ବଦଳାଇ ଦେଲେ ଓ ଅନ୍ୟଜଣଙ୍କ ଇସ୍ପାତଠାରୁ ପାଞ୍ଚଗୁଣ ଅଧିକ ଶକ୍ତିଶାଳୀ କେଭଲାର୍ ଉଦ୍ଭାବନ କରି ଶିଳ୍ପାୟନ ଓ ଆଧୁନିକୀକରଣର ରୂପ ବଦଳାଇଦେଲେ । କିନ୍ତୁ ଅବସୋସର କଥା ଏହା ଯେ, ଏଇ ଯୁଗାନ୍ତକାରୀ ଉଦ୍ଭାବନର ଉଦ୍ଭାବକମାନେ ସତେ ଯେମିତି ଅଜଣା । ଏଇସବୁ ଦେଖିଲେ ଅନୁଭବ ହୁଏ ଯେ, ମହିଳାମାନଙ୍କ ସଫଳତାକୁ ଅନେକ ସମୟରେ ଅଣଦେଖା କରିଦିଆଯାଏ । ନାରୀ ସଶକ୍ତିକରଣର ଏ ବିପର୍ଯ୍ୟୟ ପରିସ୍ଥିତି



ଲାଗି ଦାୟୀ କିଏ? ୫୭.୩୯% ପୁଅଙ୍କ ତୁଳନାରେ ୬୦.୩୯% ଝିଅ ଉଚ୍ଚ ପ୍ରାଥମିକ ସ୍ତରରେ ପହଞ୍ଚିବା ପୂର୍ବରୁ ସ୍କୁଲ ଛାଡ଼ି ଦିଅନ୍ତି ଏବଂ ୭୮.୪୦% ପୁଅଙ୍କ ତୁଳନାରେ ୮୧.୭୨% ଝିଅ ମାଧ୍ୟମିକ ସ୍ତରରେ ପହଞ୍ଚିବା ପୂର୍ବରୁ ପାଠପଢ଼ା ଛାଡ଼ି ଦିଅନ୍ତି। ୨୦୧୯ ମସିହାରେ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ଅନୁଯାୟୀ, ୭,୧୧୫ ମହିଳାଙ୍କ ଯୌତୁକ କାରଣବଶତଃ ମୃତ୍ୟୁ, ଏହି ସମସ୍ୟାର ଗମ୍ଭୀରତାକୁ ପ୍ରଦର୍ଶିତ କରେ । ଏନ୍‌ସିଆରବିର ତଥ୍ୟ ଅନୁଯାୟୀ ଭାରତରେ ମହିଳାଙ୍କ ବିରୋଧରେ ହେଉଥିବା ଅପରାଧ ମଧ୍ୟରୁ ୩୨.୪%, ଯୌତୁକ ନିର୍ଯାତନା ସହ ଜଡ଼ିତ ।



ଗ୍ରେସ୍ ହପର୍



ଷ୍ଟେଫନି କ୍ୱୋଲେକ୍

ଭାରତୀୟ ମହିଳାମାନେ ସମାଜ ଓ ପରିବାରରେ ଏକ ଅମୂଲ୍ୟ ଭୂମିକା ଗ୍ରହଣ କରୁଥିଲେ ମଧ୍ୟ, ଘରେ ତଥା କାର୍ଯ୍ୟକ୍ଷେତ୍ରରେ ଅସମାନତାର ସମ୍ମୁଖୀନ ହୋଇଥା'ନ୍ତି। ଲିଙ୍ଗଗତ ଅସମାନତା ସୂଚକାଙ୍କ-୨୦୨୨ରେ ଭାରତ ୦.୪୩୭ ସ୍କୋର ସହିତ ୧୯୩ଟି ଦେଶ ମଧ୍ୟରୁ ୧୦୮ ତମ ସ୍ଥାନରେ ରହିଛି। ଭାରତରେ ଦୁଷ୍କର୍ମ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇ ରହିଛି । ଭୟ ଓ ଲଜ୍ଜା ଯୋଗୁଁ ଦେଶରେ ଅନେକ ବଳାତ୍କାର ରିପୋର୍ଟ ହେଉନାହିଁ । ପ୍ରକୃତରେ ଲାଜ ସେଇମାନଙ୍କୁ ଲାଗିବା ଦରକାର, ଯେଉଁମାନେ ଝିଅଙ୍କୁ ସମ୍ପତ୍ତି ବଦଳରେ ବୋଝ ମଣନ୍ତି, ଯେଉଁମାନେ ପୁତ୍ରବଧୂ ରୂପରେ ଘରକୁ ଆଣିବା ଛଳନାରେ ଯୌତୁକ ଆଣନ୍ତି, ଯେଉଁମାନେ ପୁଅ ଆଶାରେ ଝିଅମାନଙ୍କୁ ମା' ଗର୍ଭରେ ମାରି ଦିଅନ୍ତି, ଯେଉଁମାନେ ପୁଅ-ଝିଅ ଭିତରେ ପାର୍ଥକ୍ୟ ରଖି ଝିଅଙ୍କୁ ଅବହେଳା କରନ୍ତି, ଯେଉଁମାନେ ନାରୀକୁ ନାରାୟଣୀ ନ ମଣି ଡାହାଣୀର ଆଖ୍ୟା ଦିଅନ୍ତି, ଯେଉଁମାନେ ନାରୀର ଅବଦାନ ଓ ବଳିଦାନ ଉପରେ ନିଜର ଅସ୍ତିତ୍ୱ ଗଢ଼ି ସେଇ ନାରୀକୁ ପୁଣି ଅସମ୍ମାନ କରନ୍ତି, ନିର୍ଯାତନା ଦିଅନ୍ତି, ଶୋଷଣ କରନ୍ତି ଓ ଅପରାଧର ଜାଲରେ ଶିକାର କରନ୍ତି ।



ନାରୀ ନିର୍ଯାତନାର ସ୍ଥାୟୀ ସମାଧାନ ନିମନ୍ତେ ପ୍ରଥମେ ଆବଶ୍ୟକ ଚିନ୍ତାଧାରାରେ ପରିବର୍ତ୍ତନ, ମାନସିକତାରେ ସଂସ୍କାର, ସାଂସ୍କୃତିକ ଆଭିମୁଖ୍ୟର ପରିବର୍ତ୍ତନ, ଆଇନର କାର୍ଯ୍ୟକାରିତାରେ ଉନ୍ନତି, ଶିକ୍ଷା, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଝିଅମାନଙ୍କ ପାଇଁ ସମାନ ସୁଯୋଗ, ସୁବିଧା ଓ ସୁରକ୍ଷା । ■

ଗବେଷିକା, ରାଉରକେଲା
ମୋ: ୬୩୭୦୯୦୫୯୪୭

# ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ମହିଳା ହିଂସା





ପ୍ରଫେସର ଫକୀର ମୋହନ ସାହୁ

**ଆମର ସମସାମୟିକ ଜୀବନରେ ମହିଳା ହିଂସାର କ୍ରମବର୍ଦ୍ଧିତ ପରିମାଣ ସମସ୍ତଙ୍କର ମୁଣ୍ଡବିନ୍ଧାର କାରଣ। ଏହାର ରୂପରେଖ ଯେତିକି ନଗ୍ନ ଓ କୁତ୍ସିତ ହେବାରେ ଲାଗିଛି, ଆମର ସାମୂହିକ ଜୀବନରେ ମାନସିକ ଅସୁସ୍ଥତାର ଅଙ୍କ ସେତିକି ଊର୍ଦ୍ଧ୍ୱଗାମୀ ହେଉଛି। ପରିବାରରେ, ରାସ୍ତାଘାଟରେ, କର୍ମକ୍ଷେତ୍ରରେ, ଯାତ୍ରା କାଳରେ, ଛୋଟ ଗୋଷ୍ଠୀରେ ଓ ବୃହତ୍ ସମାବେଶରେ ମହିଳା ହିଂସାର ଦୁଃଖଦ ଛବି ମାନବୀୟ ବିବେକ ପ୍ରତି ଶକ୍ତ ପ୍ରହାର ଦେଇଛି। ଏହାର କାରଣ ଓ ନିରାକରଣ ସମ୍ପର୍କରେ ସମସ୍ତେ ବ୍ୟାକୁଳିତ, କିନ୍ତୁ ସମାଧାନ ପ୍ରଣାଳୀର ପୂର୍ଣ୍ଣ ସଫଳତା ବିଷୟରେ ସମସ୍ତେ ସ୍ଥିରନିଶ୍ଚିତ ନୁହନ୍ତି।**



ସମସ୍ୟା ସମ୍ପର୍କରେ ମନସ୍ତତ୍ତ୍ୱବିଦ୍‌ମାନେ କ'ଣ ଚିନ୍ତା କରୁଛନ୍ତି, ସେ ବିଷୟରେ କୌତୂହଳ ଜନ୍ମିବା ସ୍ୱାଭାବିକ। ମାନସିକ ବିକୃତି ହେଉ ଅଥବା ମହିଳା ହିଂସା ପରି ସାମାଜିକ ଅପରାଧ ହେଉ, ମନସ୍ତତ୍ତ୍ୱବିଦ୍‌ମାନେ ଏ ଧରଣର ବିଶ୍ଳେଷଣ ପ୍ରସଙ୍ଗରେ ଦୁଇଟି ଶ୍ରେଣୀର ଉପାଦାନ ସମ୍ବନ୍ଧରେ ବିଚାର କରନ୍ତି। ପ୍ରଥମଟି ହେଉଛି ପୂର୍ବ ପ୍ରବଣତା ସୃଷ୍ଟି କରୁଥିବା ଉପାଦାନ। ଏଗୁଡ଼ିକ ସ୍ଥୂଳଦୃଷ୍ଟିରୁ କାରଣ ନ ହେଲେ ମଧ୍ୟ ଅନ୍ତର୍ଜଗତରେ ଏକପ୍ରକାର ନକାରାତ୍ମକ ପ୍ରବୃତ୍ତି ରୋପଣ କରିଥାଏ। ଭବିଷ୍ୟତରେ ଖରାପ ସମ୍ଭାବନା ସୃଷ୍ଟି କରିବାର ଆଶଙ୍କା ଗଠନ କରେ। ଦ୍ୱିତୀୟ ଶ୍ରେଣୀର ମନସ୍ତାତ୍ତ୍ୱିକ କାରଣ ହେଉଛି ଉପସ୍ଥିତ ମୁହୂର୍ତ୍ତରେ ବିପଦ ବା ଅଘଟଣ ସୃଷ୍ଟି କରୁଥିବା ଉଦ୍ଦୀପକ ବା ଟ୍ରିଗର୍। ମହିଳା ହିଂସା ପରିପ୍ରେକ୍ଷୀରେ ଏ ଦୁଇ ଶ୍ରେଣୀର ମନସ୍ତାତ୍ତ୍ୱିକ ଉପାଦାନକୁ ଚିହ୍ନଟ କରାଯାଇପାରେ।

ଭବିଷ୍ୟତ ପାଇଁ ଖରାପ ସମ୍ଭାବନାର ମଞ୍ଜି ବୁଣୁଥିବା ଉପାଦାନଟି ହେଉଛି ତ୍ରୁଟିପୂର୍ଣ୍ଣ ସାମାଜୀକରଣ। ବର୍ତ୍ତମାନର ପିଲାମାନେ ପରିବାରରେ ଯେଉଁ ସାମାଜୀକରଣର ସ୍ରୋତରେ ଲାଳିତପାଳିତ ହେଉଛନ୍ତି ତାହାର ଲକ୍ଷ୍ୟ ବିନ୍ଦୁ ହେଉଛି ବ୍ୟକ୍ତିଗତ ସ୍ୱାର୍ଥ। ପିଲା ବଡ଼ ହେବ, ଭଲ ଚାକିରି କରିବ, ବିତ୍ତଶାଳୀ ହେବ ଏବଂ ପ୍ରଭୂତ ଭୂସମ୍ପତ୍ତିର ଅଧିକାରୀ ହେବ- ଏ ହେଉଛି ପିତାମାତାଙ୍କର ମୂଳ ଲକ୍ଷ୍ୟ। ଏପରି ପରିପାଳନ ଭଙ୍ଗୀରେ ଗୋଷ୍ଠୀଚେତନା ଓ ପରାର୍ଥପ୍ରେରତା ପୂରାପୂରି ନିର୍ବାସିତ। ପ୍ରେମଶୀଳ ହୃଦୟ ଓ ସହଯୋଗୀ ମନୋବୃତ୍ତି ପରିବର୍ତ୍ତେ ଏକ ବ୍ୟକ୍ତିସର୍ବସ୍ୱ ମାନସିକତା ଆଜିର ସାମାଜୀକରଣ ପ୍ରକ୍ରିୟାର କେନ୍ଦ୍ରବିନ୍ଦୁ।

ବ୍ୟକ୍ତିସ୍ୱାର୍ଥର ଯେଉଁ ମଞ୍ଜି ପରିବାରରେ ରୋପିତ ହେଉଛି ସ୍କୁଲ ଓ କଲେଜର ସାମାଜୀକରଣରେ ତାହା ଅଧିକ ଶକ୍ତିଶାଳୀ ହେଉଛି। ଆମର ସ୍କୁଲ କଲେଜରେ ଶିକ୍ଷାର ସହଯୋଗିତା ଅପେକ୍ଷା ପ୍ରତିଯୋଗିତାକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ଆମ ଦେଶର ଶିକ୍ଷାନୁଷ୍ଠାନରେ ସାମାଜୀକରଣ ପ୍ରକ୍ରିୟାରେ ଏକ ଅବହେଳିତ ଦିଗ ହେଉଛି ଭାବବୁଦ୍ଧିର ଅଭାବ। ମନୁଷ୍ୟ ଜୀବନକୁ ଶ୍ରୀମୟ କରିବା ପାଇଁ ଯେଉଁ ସମସ୍ତ ସକାରାତ୍ମକ ଆବେଗ (ସଂପ୍ରୀତି, ମମତା, ଅନୁରାଗ ଓ ସହାନୁଭୂତି) ଆବଶ୍ୟକ ସେ ସବୁର ବିକାଶ ପାଇଁ ଅନୁକୂଳ ବାତାବରଣ ନାହିଁ। ଏକ ଅହଂକେନ୍ଦ୍ରୀ ସ୍ୱାର୍ଥଭିତ୍ତିକ ମାନସିକତା ନେଇ ସେପରି ଅନୁଷ୍ଠାନରୁ ବାହାରୁଥିବା କିଶୋର କିଶୋରୀ ଏବଂ ତରୁଣ ତରୁଣୀ କୌଣସି ମତେ ନିଜସ୍ୱ ଅଭୀପ୍‌ସା ପୂରଣ କରିବାରେ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି। ଏପରି ଉଦ୍ୟମ ଭିତରେ ନୈତିକତା ବଳି ପଡୁଛି।



ଅବଶ୍ୟ ମନସ୍ତତ୍ତ୍ୱବିଦ୍‌ମାନେ ଏପରି ପୂର୍ବପ୍ରବଣତାକୁ ଚିହ୍ନଟ କରିଥିଲେ ମଧ୍ୟ ବର୍ତ୍ତମାନ ବାହ୍ୟ ଜଗତରେ ସକ୍ରିୟ ଥିବା ଟ୍ରିଗର୍ ବା ଭୂମିକା ଉପରେ ଆଲୋକପାତ କରିବାକୁ ଭୁଲି ନାହାଁନ୍ତି।


ମନସ୍ତତ୍ତ୍ୱବିଦ୍‌ମାନେ ତତ୍ତ୍ୱନିଷ୍ଠସ୍ତରରେ ମହିଳା ହିଂସାକୁ ବୁଝାଇବାରେ ଯେଉଁ ପ୍ରଯତ୍ନ କରିଛନ୍ତି, ସେ ପ୍ରୟାସର ଦୁଇଟି ଧାରା ହେଉଛି ନିଶାଦ୍ରବ୍ୟଜନିତ ବ୍ୟବହାର ବିପର୍ଯ୍ୟୟ ଏବଂ ଆବେଗ ନିୟନ୍ତ୍ରଣର ଅଭାବ। ବର୍ତ୍ତମାନ ନିଶାଦ୍ରବ୍ୟ, ବିଶେଷତଃ ମଦ୍ୟପାନ ଯେପରି ଦ୍ରୁତଗତିରେ ବୃଦ୍ଧି ପାଉଛି ତାହା ସମସ୍ତେ ଜାଣନ୍ତି। ଓଡ଼ିଶା ପରି କୃଷିପ୍ରଧାନ ରାଜ୍ୟରେ ମଧ୍ୟ ମଦ୍ୟପାନ ଆଶାତୀତ ଭାବରେ ବୃଦ୍ଧି ପାଉଛି। ହୋଲି ପରି ଉତ୍ସବ ଦିନଗୁଡ଼ିକରେ ମଦଦୋକାନରେ ଅସମ୍ଭାଳ ଭିଡ଼ର ଦୃଶ୍ୟ ସହଜରେ ଆଖିରେ ପଡ଼େ। ଏହା ଏକ ବିଜ୍ଞାନସମ୍ମତ ସିଦ୍ଧାନ୍ତ ଯେ ମଦ୍ୟପାନ ଆରମ୍ଭରେ କିଛିଟା ପ୍ରୀତିପଦ ଅନୁଭବ ଦେଉଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ସ୍ୱାସ୍ଥ୍ୟଗତ ସମସ୍ୟା ଓ ଆଚରଣଗତ ବିପର୍ଯ୍ୟୟର କାରଣ ହୋଇଥାଏ। ଏହା ମସ୍ତିଷ୍କର କେତେକ କେନ୍ଦ୍ରରେ କ୍ଷତି ଜମାଇ ନିୟନ୍ତ୍ରଣ ସାମର୍ଥ୍ୟକୁ ବିପର୍ଯ୍ୟସ୍ତ କରିଥାଏ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ମସ୍ତିଷ୍କର ଦୁଇଟି ପରିପୂରକ କାର୍ଯ୍ୟ ହେଉଛି ସକ୍ରିୟତା ଏବଂ ଅନ୍ତର୍ବାଧର କାର୍ଯ୍ୟ। ସକ୍ରିୟତାର ଜୀବରସ ଆମକୁ ଅଧିକରୁ ଅଧିକ ଉଦ୍ଦୀପନା ବିଶ୍ଳେଷଣ ପାଇଁ ପ୍ରଭାବିତ କରିଥାଏ। ଅନ୍ୟ ଦିଗରେ ଅନ୍ତର୍ବାଧର ଜୀବରସ ଆମକୁ ଅଧିକରୁ ଅଧିକ ଉଦ୍ଦୀପନା ଓ ଉତ୍ତେଜନାକୁ ସୀମିତ ରଖିବାରେ ସାହାଯ୍ୟ କରେ। ଏ ଦୁଇଟି ପରସ୍ପର ବିରୋଧୀ କ୍ରିୟାକଳାପର ସମନ୍ୱୟ ଆମକୁ ସଂଯତ ଓ ଶୃଙ୍ଖଳିତ ରଖେ। ଆମେ ଆନନ୍ଦରେ ଅନ୍ୱେଷଣ କରୁ, କିନ୍ତୁ ଏକ ସୀମା ମଧ୍ୟରେ ଏହା ସଂଘଟିତ ହୋଇଥାଏ।

ଅନ୍ୟପକ୍ଷରେ ମଦ୍ୟ ଓ ଅନ୍ୟ ସବୁ ନିଶାଦ୍ରବ୍ୟର ସେବନ ଏପରି ସମନ୍ୱୟକୁ ନଷ୍ଟ କରେ, ଅନ୍ତର୍ବାଧ ନଥିବାରୁ ବ୍ୟକ୍ତି ଅନ୍ତର୍ଜଗତର ଶୃଙ୍ଖଳା ନ ମାନି ଅପକର୍ମରେ ଲିପ୍ତ ହୁଏ।

କୁପ୍ରଭାବଗ୍ରସ୍ତ ହେବାର ଏପରି ଏକ ସମ୍ଭାବନା ନେଇ କେତେକ ବ୍ୟକ୍ତି ମହିଳା ହିଂସାରେ ଜଡ଼ିତ ହୁଅନ୍ତି। ନୀଚ ପ୍ରବୃତ୍ତିର ଚରିତାର୍ଥ ପାଇଁ ସେମାନେ ଅପକର୍ମ କରିବସନ୍ତି। ଏପରି ହିଂସାତ୍ମକ କାର୍ଯ୍ୟକଳାପର ଅନ୍ୟତମ ମୁଖ୍ୟ ଟ୍ରିଗର ବା ଉଦ୍ଦୀପକ ହେଉଛି ଆମର ଦୂରଦର୍ଶନରେ ପ୍ରଦର୍ଶିତ ଯୌନ ଉଦ୍ଦୀପକ ଦୃଶ୍ୟାବଳୀ। ବର୍ତ୍ତମାନ କେତେ ମାତ୍ରାରେ କେତେ ସହଜରେ ଏପରି ତଥାକଥିତ ମନୋରଞ୍ଜନଧର୍ମୀ ଅଶ୍ଳୀଳ ଓ ଯୌନ-ଉଦ୍ଦୀପକ ସାମଗ୍ରୀ ଉପଲବ୍ଧ ତାହାର ବର୍ଣ୍ଣନା ଅନାବଶ୍ୟକ। ସ୍ଥୂଳତଃ ଦାୟିତ୍ୱହୀନ ପାରିବାରିକ ସାମାଜୀକରଣ, ବ୍ୟକ୍ତି କୈନ୍ଦ୍ରିକ ଶିକ୍ଷାୟତନର ତ୍ରୁଟିପୂର୍ଣ୍ଣ ସଂଧାନୀ ଏତେ ମାତ୍ରାଧିକ ଉତ୍ତେଜନା-ଅନ୍ୱେଷୀ ବ୍ୟତୀତ ଯେଉଁ ପୂର୍ବ ସମ୍ଭାବନା ସୃଷ୍ଟି କରିଥାଏ, ସେଥିରେ ମଦ ପରି ମାଦକଦ୍ରବ୍ୟର କୁପ୍ରଭାବ, ଗଣମାଧ୍ୟମର ଅନିୟନ୍ତ୍ରିତ ବ୍ୟବହାର ମହିଳା ହିଂସାର ଏକ ବିଷ ବଳୟ ଗଠନ କରିଛି। ଆମ ଦେଶର କିଶୋରୀ ଓ ମହିଳାମାନେ ନିଜର ଆତ୍ମସୁରକ୍ଷା କ୍ଷେତ୍ରରେ ସବିଶେଷ ପ୍ରଶିକ୍ଷିତ ନଥିବାରୁ ସେମାନେ ଏହାର ଶରଣ ହେବାର ଆଶଙ୍କା ବୃଦ୍ଧି ପାଉଛି।

ମହିଳା ହିଂସା ପରି ଏକ ସାମାଜିକ ଅପରାଧର ବିଲୋପ ପାଇଁ ଏକସୂତ୍ରୀ ସମାଧାନ ଚିନ୍ତା କରିବା ଅପ୍ରାସଙ୍ଗିକ ହେବ। ଅପରାଧୀ ବିରୁଦ୍ଧରେ ଆଇନଗତ କଠୋର ପଦକ୍ଷେପ ଏକ ଯଥାର୍ଥ ପଦକ୍ଷେପ, କିନ୍ତୁ ଯଥେଷ୍ଟ ପଦକ୍ଷେପ ନୁହେଁ। ଏହାର ନିରାକରଣ ପାଇଁ ବହୁସ୍ତରୀୟ ଯୋଜନା ଓ ବିଧିବିଧାନ ଆବଶ୍ୟକ। ପରିବାରର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ, ଶିକ୍ଷାନୁଷ୍ଠାନରେ ତାଲିମ ସେତିକି ତାତ୍ପର୍ଯ୍ୟପୂର୍ଣ୍ଣ। ଜନସଚେତନତା ହିଁ ଅମୋଘ ଅସ୍ତ୍ର। କାର୍ଯ୍ୟକ୍ଷେତ୍ର ସମେତ ପ୍ରତିଟିସ୍ତରରେ ନାରୀମାନଙ୍କ ବିରୁଦ୍ଧରେ ଅନୈତିକ ହିଂସା, ଇଙ୍ଗିତ ନିମିତ୍ତ ଓ ନିରୁତ୍ସାହିତ କରିବାର ଏକ ସାମୂହିକ ବାତାବରଣ ଏ ଦିଗରେ ଆଶାର ଝଲକ ଦେଇ ପାରିବ। ■




ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ମୋ: ୯୪୩୭୧୨୧୨୭୯



**ସବୁଠି ଆଗରେ ମହିଳା । ପୁରୁଷଙ୍କ ଭଳି ସବୁ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରି ଆଗେଇ ଚାଲୁଛନ୍ତି । ସ୍ୱାଧୀନତା ଓ ଆତ୍ମବିଶ୍ୱାସ ବଳରେ ବିଭିନ୍ନ କ୍ଷେତ୍ରରେ ମହିଳା ନିଜର ଆଧିପତ୍ୟ ବିସ୍ତାର କରିସାରିଲାଣି । ହେଲେ ଦୁଃଖ ପରିତାପର ବିଷୟ, ଗାଁ'ଠୁ ସହର ସବୁଠି ମହିଳା ହିଂସା କମିବାର ନାଁ ନେଉନି । ଘର ଭିତରୁ ନେଇ କାର୍ଯ୍ୟକ୍ଷେତ୍ରରେ ମହିଳାମାନେ ଶାରୀରିକ, ମାନସିକ ନିର୍ଯାତନା ସହୁଛନ୍ତି । ଯୌନ ଶୋଷଣ ଓ ଘରୋଇ ହିଂସାର ଶିକାର ହେଉଛନ୍ତି । ମହିଳା ହିଂସାର କାରଣ, ଏଥିପାଇଁ ଦାୟୀ କିଏ, ମହିଳା ହିଂସାକୁ କିପରି ରୋକାଯାଇପାରିବ ତାହାକୁ ନେଇ ଏହି ସ୍ୱତନ୍ତ୍ର ଆଲେଖ୍ୟ ।**



ନମ୍ରତା ଚଢ୍ଢା



# ବଢୁଛି ମହିଳା ହିଂସା

ମହିଳା ହିଂସାର କାରଣ: ଯେଉଁମାନେ ଦୁର୍ବଳଥାନ୍ତି, ସେମାନଙ୍କ ଉପରେ ହିଂସା ହୋଇଥାଏ। ମହିଳା ହିଂସା କଥା କହିଲେ, ମନରେ ଗୋଟେ କଥା ରହିଯାଇଛି ଯେ, ମହିଳାମାନେ ଦୁର୍ବଳ ଶ୍ରେଣୀର । ଅସୁବିଧା କଥା ଏଥିପାଇଁ ମହିଳା ନିଜେ ଦାୟୀ । କାରଣ ମହିଳା ନିଜେ ନିଜକୁ ଦୁର୍ବଳ ଭାବୁଥିବାରୁ ହିଂସାର ଶିକାର ହେଉଛି । ପରିବାର, କର୍ମକ୍ଷେତ୍ରଠୁ ନେଇ ଅନ୍ତରୀକ୍ଷ ପର୍ଯ୍ୟନ୍ତ ଯେମିତି ଜଣେ ପୁରୁଷଙ୍କ ଦଖଲ ଥିଲା, ଏବେ ମହିଳାମାନେ ଦଖଲ ଦେବାକୁ ଆରମ୍ଭ କଲେଣି । କ୍ରୀଡ଼ା, ସ୍ୱାସ୍ଥ୍ୟ, ଶିକ୍ଷା, ରାଜନୀତି ସବୁକ୍ଷେତ୍ରରେ ମହିଳା ଭାଗିଦାରୀତା ରଖୁଛନ୍ତି। ମୁଖ୍ୟତଃ ସେହି ସ୍ଥାନରେ ମହିଳା ଅଗ୍ରଣୀୟ। ଆଉ ଯେଉଁ କ୍ଷେତ୍ରରେ ମହିଳା ଭାଗ ନେଉନାହାଁନ୍ତି ସେଇ ସ୍ଥାନରେ ମହିଳା ପଛରେ ରହିଯାଉଛନ୍ତି। ଯେଉଁ ସ୍ଥାନରେ ମହିଳା ସଫଳ ହେଲେନି ବା ଦଖଲ ହାସଲ କରିପାରନ୍ତି, ସେଠାରେ ସେମାନଙ୍କୁ ବହୁ କଥା ଶୁଣିବାକୁ ପଡୁଛି ।

## ପୁରୁଷ ମାନସିକତା

ମହିଳାମାନଙ୍କ ମର୍ଯ୍ୟାଦା ଓ ମୌଳିକ ମାନବିକ ଅଧିକାରକୁ ଉଲ୍ଲଂଘନ କରୁଥିବା ଯେ କୌଣସି ଘଟଣା ଘଟେ ତାହା ଘରୋଇ ହିଂସା । ଏହି ହିଂସା ଅଧିକାଂଶ ସମୟରେ ପୁରୁଷମାନଙ୍କ ଦ୍ୱାରା ମହିଳାଙ୍କୁ ଦିଆଯାଏ । କାରଣ ଆଜିବି ପ୍ରାୟତଃ ପୁରୁଷଙ୍କର ମାନସିକତା ବଦଳି ନାହିଁ। ପୁରୁଷ ଭାବନ୍ତି ମହିଳା ମହାକାଶରେ ଉଡ଼ିଲେ ବି ମୋ ଘରେ ମାଣ ବସାଇବ। ଶାଶୁଶ୍ୱଶୁର ଭାବନ୍ତି, ବୋହୂ କର୍ମକ୍ଷେତ୍ରରୁ ଘରକୁ ଫେରି ତାର ଦାୟୀତ୍ୱ ନେବ । ଅଗଣାରୁ ଅନ୍ତରୀକ୍ଷଯାଏଁ ସବୁଠି ନିଜ ଦାୟିତ୍ୱ ପୂରା କରିବା ଆଶାରେ ମହିଳା ନିଜକୁ ବଳି ପକାଉଛି ।

ମହିଳା ହିଂସା ବଢ଼ିବାର ଆଉ ଏକ ମୁଖ୍ୟ କାରଣ ହେଉଛି ପରମ୍ପରା, ସଂସ୍କୃତି, ଚଳଣି । ପୁରୁଷମାନେ ଭାବନ୍ତି ମହିଳାମାନେ ପରମ୍ପରା, ସଂସ୍କୃତିର ଠିକାଦାର । ତାହାକୁ ଯିଏ ନିର୍ବାହ କରିବ ତା' ପାଇଁ ସମସ୍ତ ନିୟମ । ହେଲେ ଅନେକ କ୍ଷେତ୍ରରେ ଦେଖିବାକୁ ମିଳେ ଘରେ ଗୁରୁବାର ହେଉ କି ଅନ୍ୟାନ୍ୟ ଦିନରେ ମହିଳାଟିଏ ନିଷ୍ଠାର ସହ ପୂଜା କଲେ ମଧ୍ୟ ବାହାରେ ଚିକେନ୍ ଦୋକାନରେ ପୁରୁଷମାନଙ୍କ ଲମ୍ବା ଲାଇନ୍ ଲାଗିଥାଏ । ପୁରୁଷମାନେ ନିର୍ଦ୍ଧାରଣ କରିବେ ମହିଳା କ'ଣ କରିବେ? ଏହାର ଅର୍ଥ ହେଉଛି, ପରମ୍ପରା, ସଂସ୍କୃତି, ଚଳଣି ସବୁ ମହିଳାଙ୍କ ଉପରେ ଲଦି ଦିଆଯାଏ । ଆଉ ଯଦି କିଏ ଏହାକୁ ପାଳନ ନ କଲା, ତାହାକୁ ଦଣ୍ଡ ମିଳିଲା । ଏହି ପ୍ରକାର ପରିସ୍ଥିତିରେ ମହିଳା ରହୁଛନ୍ତି ।

## ମହିଳା ହିଂସା ଅନ୍ତର୍ଭୁକ୍ତ

ମହିଳା ହିଂସା ୫ ପ୍ରକାରର ରହିଛି । ଶାରୀରିକ, ମାନସିକ, ଭାବପ୍ରବଣତା, ଆର୍ଥିକ, ଯୌନ ନିର୍ଯାତନା ଆଦି ହିଂସା ରହିଛି । ଏସବୁ ହେଉଛି ଘରୋଇ ହିଂସା । ଅର୍ଥାତ୍ ଘର ଭିତରେ ବସବାସ କରୁଥିବା ମହିଳାଙ୍କ ଉପରେ ପାରିବାରିକ ହିଂସା, ଶାରୀରିକ ହିଂସା ଅଧିକ ଦେଖାଯାଏ । ଉଦାହରଣ ସ୍ୱରୂପ, ମାଡ଼ମାରିବା, ଚାପୁଡ଼ାମାରିବା, କାମୁଡ଼ିବା, କୌଣସି ପ୍ରକାର ଶାରୀରିକ ଯନ୍ତ୍ରଣା ବା ଆଘାତ ଦେବା । ସେମାନଙ୍କୁ ମନକୁ କୌଣସି ନା କୌଣସି କଥାରେ ଆଘାତ ଦେବା, ସେମାନଙ୍କ ଭାବନା ସହିତ ଖେଳିବା, ପରକୀୟା ପ୍ରୀତି ଯୋଗୁଁ ପୁରୁଷମାନେ ଅନ୍ୟ ମହିଳାଙ୍କ ପାଇଁ ଟଙ୍କା ଖର୍ଚ୍ଚ କରି ଘରର ମହିଳାଙ୍କୁ ଭରଣ ପୋଷଣ ନ ଦେବା, ଘରୁ ବଳପୂର୍ବକ ବାହାର କରିଦେବା, ମାନସିକ ଯନ୍ତ୍ରଣା ଆଦି ଆର୍ଥିକ ହିଂସାରେ ଅର୍ନ୍ତଭୁକ୍ତ । ଘର ପରି ମହିଳା ଯେତେବେଳେ ଘରୁ ବାହାରକୁ ଯାଉଛନ୍ତି କାର୍ଯ୍ୟକ୍ଷେତ୍ରରେ ମଧ୍ୟ ବଳ ପୂର୍ବକ ଯୌନ ନିର୍ଯାତନା, ଅଶ୍ଳୀଳ ଜିନିଷ ଦେଖିବା ପାଇଁ ବାଧ୍ୟ କରିବା ତଥା ଯୌନ ଶୋଷଣର ଶିକାର ହେଉଛନ୍ତି । ସେଠାରେ ଶାରୀରିକ, ମାନସିକ, ଚାପ ଆଦି ସବୁ କିଛିକୁ ମହିଳା ସହୁଛି । ନିଜର ମର୍ଯ୍ୟାଦାର ହାନି ଘଟିବା ଭୟରେ ଅଧିକାଂଶ ଚୁପ୍ ରହିଯାଆନ୍ତି ।

ଅଧିକାଂଶ କର୍ମଜୀବୀ ମହିଳାଙ୍କୁ ସ୍ୱାଧୀନ ମିଳିଥିବା ସେମାନଙ୍କ ଶାଶୁଘର ଲୋକ କୁହନ୍ତି । ମହିଳା ଶାଢ଼ି, ସୁନା, ଘରର ବାସନକୁସନ କିଣିବା ସମୟରେ ସେମାନେ ସ୍ୱାଧୀନ । ହେଲେ ଯେତେବେଳେ ସେ ପ୍ଲଟ୍ କି ଗାଡ଼ି କିଣିବାକୁ କହିଥାନ୍ତି ସେତେବେଳେ ପୁରୁଷଙ୍କ ସହମତି ନିହାତି ଜରୁରି । କାରଣ ଅନେକ ପୁରୁଷଙ୍କ ବିନା ମହିଳା ଅଲୋଡ଼ା ବୋଲି ଆଜି ବି ଭାବୁଛନ୍ତି । ଘର ଏବଂ ବାହାରେ ମହିଳା ଉପରେ ହିଂସା ହେବା ଦ୍ୱାରା ସେମାନେ ବାହାରେ ଆସି ସ୍ୱର ଉତ୍ତୋଳନ କରିବାକୁ ଲଜ୍ଜାବୋଧ କରୁଛନ୍ତି । ଏହାଯୋଗୁଁ ଘର ଲୋକ ତାଙ୍କୁ ସ୍ୱାଧୀନ ଦେଇଥିବା କଥା କୁହନ୍ତି, ବାହାର ଲୋକ ଚାକିରି ଦେଇଛୁ, ପାଟି ଚୁପ୍ କରି କାମ କରିବାକୁ କରିଥାନ୍ତି । ଏସବୁ ଭିତରେ ମହିଳା ଚୁପ୍ ହୋଇଯାଏ ।



## ସାମାଜିକ ପରିବର୍ତ୍ତନ ଜରୁରି

ସମସ୍ତେ କୁହନ୍ତି, 'ବେଟି ପଢ଼ାଓ ବେଟି ବଚାଓ । ' ମୋ ମତରେ ଏବେ ସମୟ ଆସିଛି 'ପୁଅକୁ ବୁଝାଓ' ନାରା ଦେବାର। କାରଣ ବିଭିନ୍ନ କ୍ଷେତ୍ରରେ ପୁଅମାନେ ବୁଝିଗଲେ ମହିଳା ହିଂସା କେତେମାତ୍ରାରେ ରୋକାଯାଇପାରିବ । ଯେତେବେଳେ ନୂଆ ବୋହୂଟିଏ ବିବାହ ପରେ ଶାଶୁଘରକୁ ଆସୁଛି ସମସ୍ତେ 'ପୁତ୍ରବତୀ ଭବଃ' ବୋଲି ଆଶୀର୍ବାଦ ଦେଇଥାନ୍ତି । ପୁତ୍ର ମୋହ ଆଶାରେ କନ୍ୟାଭ୍ରୂଣ ହତ୍ୟା ବୃଦ୍ଧି ପାଉଛି । ଏହି ଚିନ୍ତାଧାରାରେ ପରିର୍ତ୍ତନ ଆସିବା ନିହାତି ଜରୁରି। ସେହିପରି ଅଫିସ୍ କ୍ଷେତ୍ରରେ ମହିଳାଙ୍କୁ ଅନ୍ୟ ସହକର୍ମୀମାନେ ସାହାଯ୍ୟ କରିବା ଜରୁରି। କାର୍ଯ୍ୟକ୍ଷେତ୍ରରେ ମହିଳା ହିଂସା ରୋକିବାକୁ ଅନେକ ଆଇନ୍ ରହିଛି। ଅଫିସ୍‌ରେ ସେ ସମସ୍ତ ନିୟମ ରହିବା ଜରୁରି। ସାମାଜିକ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବା, ନ୍ୟାୟିକ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଦରକାର । ଝିଅମାନଙ୍କୁ କିପରି ସମ୍ମାନ ମିଳିବ ତାହାକୁ ସମସ୍ତେ ଧ୍ୟାନ ଦେବା ଦରକାର ।

ଯେତେବେଳେ ସ୍ୱାମୀ ନିର୍ଯାତନା ଦିଅନ୍ତି, ଥାନାରେ ମହିଳା କେସ୍ କରନ୍ତି। ସମାନ କ୍ଷେତ୍ରରେ ଯଦି ଭାଇ ଭାଉଜକୁ ନିର୍ଯାତନା ଦେଲା ଆମେ ଭାଇକୁ ସହଯୋଗ କରୁଛୁ। ତେଣୁ ଏପରି ମାନସିକତାରେ ପରିବର୍ତ୍ତନ ଆଣିବା ବି ଜରୁରି। ଭୁଲ ହେଉଛି, ମୋତେ କହିବାର ଅଧିକାର ରହିଛି ଏସବୁକୁ ଧ୍ୟାନ ମହିଳାମାନେ ଦେବା ଦରକାର। ଝିଅମାନଙ୍କ ସୁରକ୍ଷା ପାଇଁ ପ୍ରଥମେ ସାମାଜିକ ପରିବର୍ତ୍ତନ ଜରୁରି। ଲୋକମାନଙ୍କ ମନରେ ସଚେତନତା ସୃଷ୍ଟି କରିବାକୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ସ୍ଲୋଗାନ,ପାଠ୍ୟପୁସ୍ତକ ଆଦିକୁ ଗୁରୁତ୍ୱ ଦେବା ଦରକାର। ■

ପ୍ରତିଷ୍ଠାତା, ମାଧ୍ୟମ, ଭୁବନେଶ୍ୱର



**ନିର୍ଯାତନା ତ ନିର୍ଯାତନା, ନିର୍ଯାତନାର ପୁଣି ଲିଙ୍ଗ କ'ଣ ଯେ ! କିନ୍ତୁ ଆମେ ନିର୍ଯାତନାକୁ ଲିଙ୍ଗ ହିସାବରେ ଭାଗ ଭାଗ କରୁ । ମହିଳା ନିର୍ଯାତନା, ପୁରୁଷ ନିର୍ଯାତନା, ଶିଶୁ ନିର୍ଯାତନା ଏପରିକି ଏବେ ବୟସ୍କମାନଙ୍କ ଉପରେ ବି ହେଉଛି ନିର୍ଯାତନା । ତେବେ କାଳେ କାଳେ ସମାଜରେ ଆମେ ଦେଖିଛେ ଯେ ଦୁର୍ବଳ ଉପରେ ସବଳ ସଦାକାଳେ ନିଜ ବଳ ପ୍ରୟୋଗ କରିବାକୁ, ନିଜର ଅଲିଖିତ ଅଧିକାର ବୋଲି ମାନି ଆସିଛି । ଆଉ ପରିବେଶ, ପରିସ୍ଥିତି ଅନୁଯାୟୀ ସ୍ଥାନ, କାଳ ଓ ପାତ୍ର ବଦଳି ଯାଇଛନ୍ତି ସତ, ହେଲେ ଦୁର୍ବଳଟିଏ ସବୁ ସମୟରେ ନିର୍ଯାତନାର ଶିକାର ହୋଇ ଆସିଛି ।**

# ଆହୁରି ଅନେକ ପଥ ବାକି...



ଛନ୍ଦା ମିଶ୍ର


## ମହିଳା ନିର୍ଯାତନା ଓ ସାମାଜିକ ମାନସିକତା

ଯେତେବେଳେ କେବଳ ମହିଳାମାନଙ୍କ କ୍ଷେତ୍ରକୁ ଅନୁଧ୍ୟାନ କରିବା, ଆମେ ଦେଖିବାକୁ ପାଇବା ଯେ, ଏଠାରେ ସ୍ଥିତି ଏତେ ଗମ୍ଭୀର ଯେ, ନିକଟ ଭବିଷ୍ୟତରେ ତା'ର ନିଦାନ କରିବା ସମ୍ଭବ ନୁହେଁ, ହଁ କିଛିଟା ଆଶ୍ୱସନା ନିଶ୍ଚୟ ମିଳିପାରେ ବୋଲି ଆଶା । କାରଣ ମହିଳାମାନଙ୍କ ପ୍ରତି ଥିବା ଆମର ହୀନମନ୍ୟତା ଓ ଘୃଣ୍ୟ ମନୋଭାବ ଆମ ମାନସିକସ୍ତରରେ ଖୁବ୍ ଗଭୀରରେ ନିଜର ଚେର ବେଶ୍ ଦୃଢ଼ ଭାବେ ହୋଇଛି ରୋପିତ । କ୍ରୀଡ଼ାକ୍ଷେତ୍ରରୁ ନେଇ ରଣକ୍ଷେତ୍ର ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନରେ ଝିଅମାନେ ନିଜର ବିଜୟ ବାନା ଉଡ଼ାଇ ଚାଲି ଥିଲା ବେଳେ, ଆଜି ବି ସମାଜର ଗୋଟିଏ ବିଶାଳ ଗୋଷ୍ଠୀ, ଝିଅ ଜନ୍ମ ହେଲେ ତାହାକୁ ଏକ ଅବାଞ୍ଛିତ ବୋଝ ତଥା ଏକ ଅଭିଶାପ ବୋଲି ମନେ କରନ୍ତି । ଯେଉଁଥିପାଇଁ ଝିଅ ଜନ୍ମ ହେବା ପୂର୍ବରୁ ହିଁ ତାକୁ ଜନ୍ମ ନ କରିବା ପାଇଁ ଡାକ୍ତରଙ୍କ ପାଖରେ ନେହୁରା ହୁଅନ୍ତି ବା ନାରୀଟିଏ ଗର୍ଭବତୀ ହେବା ମାତ୍ରେ, ଗାଁ ବଇଦଙ୍କଠାରୁ ନେଇ ତୁଟୁକା ଟୁଟୁକି, ଦେବଦେବୀ ଆଦିଙ୍କ ନିକଟରେ ପୁଅଟିଏ ପାଇଁ ନେହୁରା ହୁଅନ୍ତି । ସମସ୍ତଙ୍କର ମନରେ ଥାଏ, ଲାଭ କ୍ଷତିର ହିସାବ, ପୁଅଟିଏ ହେଲେ ରୋଜଗାର କରି ଆଣିବ, ବଂଶ ବୃଦ୍ଧି କରିବ, ବୃଦ୍ଧାବସ୍ଥାର ସାହାରା ସାଜିବା ସହିତ ପୁତ୍ ନାମକ ନର୍କରୁ କରିବ ଉଦ୍ଧାର । ଅପରପକ୍ଷେ ଝିଅଟିଏ ହେଲେ, ବାପାମା'ଙ୍କର ଖାଇ, ନେଇ, ଚାଲିଯିବ ଶାଶୁ ଘରକୁ, ଆଉ କାହାର ବଂଶ ବୃଦ୍ଧି କରିବା ପାଇଁ । ଉତ୍ତର ଭାରତର କେତେକ ସ୍ଥାନରେ ପୂର୍ବେ ଦୁଧପିତି ନାମକ ଏକ ପ୍ରଥା ଥିଲା ପ୍ରଚଳିତ । ଯେଉଁ ଥିରେ ଝିଅଟିଏ ଜନ୍ମ ହେଲା କ୍ଷଣି ତାକୁ ଧାଇ ମା' ହାତକୁ ଅତ୍ୟନ୍ତ ନିର୍ଦ୍ଦୟ ହୋଇ ଟେକି ଦିଆ ଯାଏ, ଆଉ ଧାଇ, ଛୁଆଟିର ମୁହଁ କୁ ନେଇ ଏକ ବଡ଼ କ୍ଷୀର ହାଣ୍ଡିରେ ମାଡ଼ି ଧରେ, ଯେ ପର୍ଯ୍ୟନ୍ତ ଛୁଆଟିର ଆଖି ନାକ କାନରେ କ୍ଷୀର ପଶି ଛୁଆଟି ନିଶ୍ଚଳ ହୋଇ ନ ଯାଇଛି । ସମୟ କ୍ରମେ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରାଯାଇଛି ସତ, କିନ୍ତୁ ଏବେ ବି ଝିଅଟିଏ ଜନ୍ମ ହେଲେ ତାକୁ ସ୍ୱାଗତ କରାଯାଏ ନାହିଁ । ପୁଣି ଝିଅଟିଏ ଜନ୍ମ ହେଲେ, ଏଥିପାଇଁ ମା'କୁ ଦୋଷ ଦିଆଯାଏ । ସେହି ସମ୍ବେଦନଶୀଳ ମୁହୂର୍ତ୍ତରେ ବି ସଦ୍ୟ ଜନ୍ମ ନେଇଥିବା ଶିଶୁ କନ୍ୟାର ଆଉ ତାକୁ ଜନ୍ମ କରିଥିବା ଦୁର୍ବଳ ମା'ଟିର ଯତ୍ନ ନିଆ ଯାଏନା । ଏହାଠାରୁ ଅଧିକ ଦୁଃଖର କଥା କ'ଣ ବା ଥାଇ ପାରେ!

## ଅସୁରକ୍ଷିତ ଝିଅ

ଯଦି ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଝିଅଟିଏ ଜନ୍ମ ହୋଇଯାଏ ଓ ପିତାମାତା ତାକୁ ସାଦରେ ସ୍ୱୀକାର କରନ୍ତି, ତେବେ ଏ ସମାଜ ତାକୁ ସ୍ୱଚ୍ଛନ୍ଦରେ ବଞ୍ଚିବା ପାଇଁ ଦିଏ ନାହିଁ । ଅନେକ କ୍ଷେତ୍ରରେ ନିଜେ ଛୁଆ ଜନ୍ମ କରିଥିବା ପିତାମାତା ବି ଝିଅ ଓ ପୁଅ ମଧ୍ୟରେ ପାତରଅନ୍ତର କରିବା ପାଇଁ ହୋଇ ଯାଆନ୍ତି ଆଗଭର । ଅଭାବୀ ପରିବାରଟିଏ ହୋଇଥିଲେ, ଝିଅର କପାଳ ଫାଟେ । ଖାଦ୍ୟଠାରୁ ଆରମ୍ଭ କରି ପୋଷାକ ପର୍ଯ୍ୟନ୍ତ ସବୁ ଥିରେ ଉପଯୁକ୍ତ ଜିନିଷଟି ପୁଅ ନେଇ ସାରିଲା ପରେ ହିଁ ଝିଅଟିର ଭାଗ ପଡ଼େ । ପୁଅକୁ ସ୍କୁଲ ପଠାଇବା ପାଇଁ ଝିଅର ସ୍କୁଲ ବନ୍ଦ ହୋଇଯାଏ । ଏପରି ବି ଦେଖା ଯାଇଛି ଯେ, ଅପାଠୁଆ ଭାଇର ପଢ଼ା ଖର୍ଚ୍ଚ ତୁଲାଇବା ପାଇଁ ପାଠୁଆ ଝିଅଟି ପାଠରେ ଡୋରି ବାନ୍ଧି ପର ଘରେ ମୂଲ ଖଟେ । ଖାଲି ସେତିକିରେ ଏ ସମାଜର ତୃଷ୍ଣା ମେଣ୍ଟେ ନାହିଁ । ଝିଅର ସରଳ ସ୍ୱଭାବ ସହିତ ଖେଳି ତା'ର କୋମଳ ଶରୀରକୁ ଛିନ୍ନ ଭିନ୍ନ କରି ନିଜ କାମ ତୃଷା ମେଣ୍ଟାଇବାକୁ ଅନେକ ହୋଇ ଯାଆନ୍ତି ଆଗଭର । ଆଜି ଏପରି ଏକ ସମୟ ଆସି ପହଞ୍ଚିଛି ଯେ, ସାତ ଦିନର କଅଁଳ ଶିଶୁଠାରୁ ନେଇ ସତୁରି ବର୍ଷ ବୟସ୍କାଟିଏ ବି ନିଜକୁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ବୋଲି ଭାବୁ ନାହିଁ । ପରିତାପର ବିଷୟ ଯେ, ଏଥିରେ ବାହାର ଲୋକଙ୍କ ସହିତ ଅତି ପରିଚିତ ଓ ସମ୍ପର୍କୀୟମାନେ ବି ରହୁଛନ୍ତି ସମ୍ପୃକ୍ତ । ଅର୍ଥାତ୍ ଯେଉଁ ଶରୀରଟି ଝିଅକୁ ସୁରକ୍ଷା ପ୍ରଦାନ କରିବା କଥା, ଝିଅଟି ସେହି ଶରୀରଟି ପାଇଁ ହିଁ ହୋଇ ପଡୁଛି ଅସୁରକ୍ଷିତ ।







## ଓଡ଼ିଶାରେ ମହିଳା ହିଂସା

ସରକାରୀ ତଥ୍ୟ ଅନୁଯାୟୀ, ପନ୍ଦରରୁ ପଚାଶ ବର୍ଷ ପର୍ଯ୍ୟନ୍ତ, ତିରିଶ ପ୍ରତିଶତ ଭାରତୀୟ ମହିଳା ଯୌନ ହିଂସାର ଶିକାର ହୋଇଥାନ୍ତି । ପୁଣି ଯଦି କେବଳ ଦୁଷ୍କର୍ମ ଘଟଣାଗୁଡ଼ିକକୁ ଦେଖିବା, ୨୦୦୮ ମସିହାରେ ୨୧୦୦୦ ମହିଳା ଦୁଷ୍କର୍ମରର ଶିକାର ହୋଇଥିଲା ବେଳେ ଏବେ ତାହା ବର୍ଷକୁ ୩୧୦୦୦ରେ ପହଞ୍ଚିଛି ।

ଆମେ ଯଦି ଓଡ଼ିଶାର କଥାକୁ ଦୃଷ୍ଟି ପକାଇବା, ଆମେ ଦେଖିବାକୁ ପାଇବା ଯେ, ଗତ ପନ୍ଦର ମାସ ମଧ୍ୟରେ ଓଡ଼ିଶାରେ ୪୦୯୪୭ ଟି ମହିଳା ବିରୋଧୀ ହିଂସା ମାମଲା ରେକର୍ଡ କରାଯାଇଛି । ମାତ୍ର ଏଗାର ମାସରେ ରାଜ୍ୟରେ ୨୯୩୩ ଟି ଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସିଛି । ସେହିପରି ୮୨୭୦ ଟି ଅପହରଣ ଘଟଣା ୯୧୮୧ ଟି ଅଶ୍ଳୀଳ ଆଚରଣ, ୧୨୭୮ ଯୌନ ଶୋଷଣ ଆଦି ମାମଲା ରେକର୍ଡ କରାଯାଇଛି । ତେବେ ପ୍ରକୃତ ସଂଖ୍ୟା ଏହାଠାରୁ ଖୁବ୍ ଅଧିକ ଅଟେ । ଏସବୁ ଘଟଣା ବ୍ୟତୀତ ଯୌତୁକଜନିତ ବଧୂହତ୍ୟା, ବଧୂ ନିର୍ଯାତନା, ଅପହରଣ, ଘରୋଇ ହିଂସା, ଏସିଡ୍ ମାଡ଼ ଆଦି ଅଗଣିତ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ପୀଡ଼ିତାଟିଏ ଗତି କରେ । ଅକଥନୀୟ ଅତ୍ୟାଚାରଗୁଡ଼ିକକୁ ସେ ନୀରବରେ ସହିଯିବା ବ୍ୟତୀତ ଅନ୍ୟ କିଛି ପନ୍ଥା ନଥାଏ ତା' ନିକଟରେ । କାରଣ ଏପରି ଘଟଣାଗୁଡ଼ିକକୁ ଉଦାରତା ସହିତ ଗ୍ରହଣ କରିବା ପାଇଁ ଏପର୍ଯ୍ୟନ୍ତ ଏ ସମାଜକୁ ଆମେ ପ୍ରସ୍ତୁତ କରି ପାରିନାହୁଁ । ଆଉ ଯେବେ ସହିବାର ସୀମା ଟପି ଯାଏ, ଝିଅଟିଏ ବଞ୍ଚିବା ଅପେକ୍ଷା ମରିବାକୁ ଅଧିକ ପସନ୍ଦ କରେ ।

## ସାମାଜିକ ପ୍ରତିଷ୍ଠା କ୍ଷୁଣ୍ଣ

ଯଦି କୌଣସି ମହିଳା ହିଂସା ଘଟଣାଟି ପୋଲିସ ଓ କୋର୍ଟଙ୍କ ଅଧୀନକୁ ବିଚାର ପାଇଁ ଗଲା, ତେବେ କୋର୍ଟରେ କେଶ୍‌ଟି ଚାଲିଥିବା ପର୍ଯ୍ୟନ୍ତ, ପୀଡ଼ିତା ଜଣକ ପ୍ରତିଦିନ ଓକିଲ, ପୋଲିସ, ଗଣମାଧ୍ୟମ ଦ୍ୱାରା ପାଇଥାଏ ମାନସିକ ଯନ୍ତ୍ରଣା । ଆଉ ଦୋଷ ନକରି ବି ତମାମ ଜୀବନ ପାଇଁ ତା' ଦେହରେ କଳଙ୍କିନୀର ମୋହର ବାଜି ଯାଏ । କାରଣ ଆମ ସମାଜରେ ପୁଅ ହେଉଛି ପିତ୍ତଳ ଗରା, ମାଜି ଦେଲେ ସଫା, ଝିଅ ହେଉଛି ମାଟି ହାଣ୍ଡି, ଥରେ ଛୁଇଁଲେ ମାରା । ଝିଅ ବିଷୟରେ ସମାଜ ଜାଣିଲେ, ତା'ର ଭୁଲ୍ ନଥିଲେ ବି ଏକ ପ୍ରକାର ବାସନ୍ଦ ହୋଇ, ସେ ଦଣ୍ଡ ପାଏ । ସମସ୍ତ ଆଙ୍ଗୁଳି ତାରି ଉପରକୁ ହିଁ ଉଠେ । ତେଣୁ ଏପରି ଘଟଣାଗୁଡ଼ିକକୁ ଲୁଚାଇ ଦେବା ପାଇଁ ନିଜେ ଝିଅଟି ସହିତ ତା'ର ପରିବାର ଲୋକେ ବି ବ୍ୟଗ୍ରତା ପ୍ରକାଶ କରନ୍ତି ।

ଅପରପକ୍ଷରେ ଆଜି ଝିଅଟିଏ ନିଜକୁ ପ୍ରତିଟି କ୍ଷେତ୍ରରେ ପ୍ରତିଷ୍ଠିତ କରିବା ପାଇଁ ଅଣ୍ଟା ଭିଡ଼ି ଦେଇଛି । ଘର ଭିତରେ ଯେମିତି ସିଏ ସ୍ନେହମୟୀ ମାଆଟିଏ, ବାହାରେ ବି ଠିକ୍ ସେମିତି ନିଜ କାର୍ଯ୍ୟକୁ ଦକ୍ଷତାର ସହିତ କରୁଛି ପ୍ରଦର୍ଶନ । ଅର୍ଥନୈତିକ ସ୍ୱାବଲମ୍ବୀ ହୋଇ ସେ ନିଜ ସହିତ ପରିବାରର କରୁଛି ପ୍ରତିପୋଷଣ । ଆଜି ଝିଅ ଆଉ ପୁଅର ସମକକ୍ଷ ହେବାକୁ ପ୍ରତିଯୋଗିତା କରୁନାହିଁ, ବରଂ ତା'ଠାରୁ କିଛି ପାଦ ଆଗକୁ ଆଗେଇ ଯାଇଛି । ତା' ସତ୍ତ୍ୱେ ଝିଅଟିଏ ପ୍ରତି ଏପରି ଅବିଚାର, ଏପରି ଅମାନବୀୟ ଆଚରଣ କେତେ ଦୂର ଯୁକ୍ତିଯୁକ୍ତ ତାହା ଏବେ ବିଚାର କରିବାର ସମୟ । ଡେରିରେ ହେଲେ ବି ଝିଅମାନେ ଏବେ ମୁହଁ ଖୋଲି ନିଜ ଅଧିକାର ପାଇଁ ଲଢ଼େଇ ଆରମ୍ଭ କଲେଣି । ନିଜ ପାଇଁ ନ୍ୟାୟ ଭିକ୍ଷା କଲେଣି । ତେବେ ନ୍ୟାୟପାଳିକାର ମନ୍ଥର ବ୍ୟବସ୍ଥା ଯୋଗୁ ଅନେକ ସମୟରେ ନ୍ୟାୟ ମିଳିଲା ବେଳକୁ ପୀଡ଼ିତା ହେଇ ଯାଉଛି ସ୍ୱର୍ଗବାସୀ । ଏହାକୁ ଏବେ ତ୍ୱରାନ୍ୱିତ କରିବାର ସମୟ । ଦୋଷୀ ଯେ କେହି ବି ହେଉ ସେ ଦଣ୍ଡ ପାଉ ।

କୁହାଯାଏ, ଶିବ ବି ଶକ୍ତି ଙ୍କ ବିନା ହୋଇ ପଡ଼ନ୍ତି ଶକ୍ତି ହୀନ । ନାରୀ ହେଉଛି ସ୍ୱୟଂ ମହାମାୟା, ଅମାପ ଶକ୍ତିର ଉତ୍ସ । ସେହି ଶକ୍ତିର ସଦ୍‌ଉପଯୋଗ କରିବା ପାଇଁ ଉଭୟ ନାରୀ ଓ ପୁରୁଷଙ୍କ ଅବଦାନକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ଝିଅ ଯେବେ ପଢ଼ିବ, ସେ ଆଗକୁ ବଢ଼ିବ, ତାକୁ କେବଳ ମଣିଷଟିଏର ମର୍ଯ୍ୟାଦା ଦେଇ, ଥରେ ପିଠି ଥାପୁଡ଼ାଇ, ତା' କାମ ପାଇଁ ବାହାବା ଦେଲେ, ସେ ଆମ ଗର୍ବ ଓ ଗୌରବର କାରଣ ସାଜିବ । ତେବେ ଝିଅ ପାଇଁ ଏପରି ଉଦାର ମାନସିକତା ପୋଷଣ କରିବାକୁ ତା' ପାଇଁ ସୁରକ୍ଷିତ ପୃଥିବୀଟିଏ ଗଢ଼ିବାକୁ, ଆହୁରି ଅନେକ ସମୟ ଲାଗିବ । ନିର୍ଦ୍ୱନ୍ଦ୍ୱରେ ଜୀବନ ଜିଇଁବାକୁ, ଅଧ ରାତିରେ ଏକୁଟିଆ ଚାଲିବାକୁ । ଏପରି ସମାଜଟିଏ ସତରେ କ'ଣ ସମ୍ଭବ...! ■



ମୋ: ୯୪୩୭୪୫୩୬୧୦

# ମହିଳା ସୁରକ୍ଷା ପାଇଁ ଆଇନ





ଗଦାଧର ବଳ

## ମହିଳାଙ୍କ ଭରଣପୋଷଣ ଅଧିକାର

ଭାରତରେ ମହିଳାମାନଙ୍କର ଆଇନଗତ ଅଧିକାର ବିଷୟରେ ଆଲୋଚନାକୁ ଆସିଲେ ସର୍ବ ପ୍ରଥମେ ବିବାହିତା ମହିଳାମାନଙ୍କୁ ସ୍ୱାମୀଙ୍କ ପାଖରୁ ଭରଣପୋଷଣ ଅଧିକାର କଥା ମନକୁ ଆସିଥାଏ । 'ଭରଣପୋଷଣ ପାଇବାର ଅଧିକାର' ବା 'ରାଇଟ୍ ଟୁ ମେଣ୍ଟେନାନ୍ସ' ସ୍ୱାମୀ ପରିତ୍ୟକ୍ତା ମହିଳାମାନଙ୍କୁ ସ୍ୱାମୀର ଆର୍ଥିକ ସକ୍ଷମତାର ଏକ ଅଂଶ । ଏହି ଅଧିକାରର ସୁରକ୍ଷା ପାଇଁ ୧୯୫୬ ମସିହାରେ ଭାରତ ସରକାର ହିନ୍ଦୁ ବିବାହ ଆଇନ, ୨୦୦୫ ମସିହାରେ ଘରୋଇ ହିଂସା ନିରୋଧ ଆଇନ, ଫୌଜଦାରୀ କାର୍ଯ୍ୟବିଧି ଆଇନର ଦଫା ୧୨୫ ଓ ଏବେ ନୂଆ କରି ପ୍ରଣୀତ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଧାରା-୧୪୪ ପ୍ରଣୟନ ହୋଇଛି । ହିନ୍ଦୁ ବିବାହ ଆଇନର ଧାରା ୨୪ ଅନୁଯାୟୀ ଉଭୟ ରୋଜଗାର ନ ଥିବା ସ୍ୱାମୀ କିମ୍ବା ସ୍ତ୍ରୀ ଜଣେ ଅନ୍ୟର ରୋଜଗାର ଅନୁଯାୟୀ ମାମଲା ରୁଜୁ କରି ଭରଣ ପୋଷଣ ପାଇବାକୁ ହକ୍ ରହିଛି ।

**ପୁରୁଷ ପ୍ରଧାନ ସମାଜରେ ନାରୀ ଆଦ୍ୟ କାଳରୁ ଅବହେଳିତ, ଉପେକ୍ଷିତ ତଥା ନିର୍ଯାତିତ । ମହିଳା ବିରୋଧୀ ହିଂସାକୁ ନେଇ କିଛି ଦଶନ୍ଧି ଧରି ଭାରତବର୍ଷରେ ବୁଦ୍ଧିଜୀବୀ, ରାଜନେତା, ସମାଜସେବୀମାନେ ବିଶେଷ ଚିନ୍ତିତ । ଦୀର୍ଘ ଦିନ ହେବ ପରଦା ଆଢୁଆଳରେ ଚାପି ହୋଇ ଯାଇଥିବା ଘରର ମହିଳା ଆଜି ସଶକ୍ତ ବୋଲି ଦାବି କରାଯାଏ । ପାରିବାରିକ, ସାମାଜିକ, ଅର୍ଥନୈତିକ ସ୍ତରରେ ମହିଳାମାନଙ୍କୁ ସଶକ୍ତ କରା ନ ଗଲେ ସମାଜରେ ପୂର୍ବ ପରି ବୈଷମ୍ୟତାର ଶିକାର ହୋଇ ରହିଥିବେ ନାରୀମାନେ । ଯାହା ବି ହେଉ ଆମ ଦେଶରେ ନାରୀମାନଙ୍କୁ ସଶକ୍ତ କରିବା ପାଇଁ ଅନେକ ଆଇନ ବିଭିନ୍ନ ସମୟରେ ପ୍ରଣୟନ କରାଯାଇଛି ।**



## ମହିଳା ହିଂସା ନିରୋଧ ଆଇନ

୨୦୨୪ ମସିହାରେ କାର୍ଯ୍ୟକାରୀ ହୋଇଥିବା ଭାରତୀୟ ନ୍ୟାୟ ସଂହିତାର ଚାପ୍ଟର ୫ ରେ ଦଫା ୬୩ ରୁ ୯୯ ଯାଏ ମହିଳା ହିଂସା ନିରୋଧ ଆଇନ ମାନ ରହିଛି । ଯାହା ମହିଳାମାନଙ୍କ ବିରୁଦ୍ଧରେ ସଂଗଠିତ ହେଉଥିବା ଅପରାଧଗୁଡ଼ିକ ପାଇଁ ସରକାରଙ୍କ ଜିରୋ ଟଲରେନ୍ସର ଉଦାହରଣ । ଧାରା ୬୩ ରେ ଦୁଷ୍କର୍ମର ସଂଜ୍ଞା ଉଲ୍ଲିଖିତ ଥିବା ବେଳେ , ଧାରା-୬୪ରେ ଦଣ୍ଡ ବ୍ୟବସ୍ଥା ବିଷୟରେ ଉଲ୍ଲିଖିତ ରହିଛି । ଦୁଷ୍କର୍ମ ଅପରାଧୀ ଦୋଷୀ ସାବ୍ୟସ୍ତ ହେଲେ ଆଜୀବନ ଜେଲ ଦଣ୍ଡ ଏପରିକି ମୃତ୍ୟୁ ଦଣ୍ଡର ବ୍ୟବସ୍ଥା ରହିଛି । କିଛି ସ୍ୱତନ୍ତ୍ର ପରିସ୍ଥିତିରେ ପୀଡ଼ିତାର ବୟସ ୧୬ ବର୍ଷରୁ କମ୍ ହୋଇଥିଲେ ସର୍ବନିମ୍ନ ୨୦ ବର୍ଷ ଜେଲ ଦଣ୍ଡ ସହ ମୃତ୍ୟୁଦଣ୍ଡ , ଧାରା-୬୬ ଅନୁଯାୟୀ ପୀଡ଼ିତା ଧର୍ଷଣ ଜନିତ ମୃତ୍ୟୁ ହେଲେ ସେହି ସମାନ ଦଣ୍ଡ କିମ୍ବା ବଞ୍ଚି ଥିବା ଯାଏ ଅବଶିଷ୍ଟ ଜୀବନ ଜେଲରେ ଦଣ୍ଡ ଭୋଗିବାକୁ ଆଇନରେ ଅଛି । ସେହିପରି ପୀଡ଼ିତା ପତିପତ୍ନୀ ଅଲଗା ଅଲଗା ବସବାସ କରିବାକୁ କୌଣସି କୋର୍ଟଙ୍କର ଆଦେଶ ଥିବା ସତ୍ତ୍ୱେ ପତ୍ନୀ ପତି ବିରୁଦ୍ଧରେ ଯୌନ ନିର୍ଯାତନା ଅଭିଯୋଗ ପ୍ରମାଣିତ ହେଲେ ୨ ବର୍ଷ ଜେଲ ଦଣ୍ଡ, କର୍ମଜୀବୀ ମହିଳା କର୍ମଚାରୀଙ୍କୁ ଉପରିସ୍ଥ ପୁରୁଷ ଅଧକାରୀ ଯୌନ ଶୋଷଣ କଲେ ବା ଜେଲ ଅଧୀକ୍ଷକ ବା ସେବା ଯୋଗାଉ ଥିବା ଡାକ୍ତର ନିଜ ଅଧସ୍ଥନ କର୍ମଚାରୀଙ୍କୁ ଯୌନ ଶୋଷଣ କଲେ ୫ ବର୍ଷରୁ ୧୦ ବର୍ଷ ଯାଏ ସଶ୍ରମ କାରାଦଣ୍ଡ ବ୍ୟବସ୍ଥା ରହିଛି । ଦଫା- ୬୯ ପ୍ରବଞ୍ଚନା ପୂର୍ବକ ବିବାହ କରିବାର ପ୍ରତିଶ୍ରୁତି ଦେଇ ଶାରୀରିକ ସଂପର୍କ ରଖିଲେ ୧୦ ବର୍ଷ କାରାଦଣ୍ଡ ସହ ଜରିମାନା, ଏକ ବା ଏକାଧିକ ଅଭିଯୁକ୍ତମାନଙ୍କ ଦ୍ୱାରା ଗ୍ୟାଙ୍ଗ ରେପ୍ କ୍ଷେତ୍ରରେ ସର୍ବନିମ୍ନ ୨୦ ବର୍ଷ ଜେଲ ସହ ଅବଶିଷ୍ଟ ଜୀବନ ଥିବା ଯାଏ ଜେଲଦଣ୍ଡ ଭୋଗିବାକୁ ନିୟମ ରହିଛି । ଦଫା-୭୧ ଅନୁଯାୟୀ ଯୌନ ବିକାର ଗ୍ରସ୍ତ ପୁରୁଷ ବା ବାରମ୍ବାର ଧର୍ଷଣ କରୁଥିବା ଅପରାଧୀ ଆଜୀବନ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି ।

## ଯୌନ ନିର୍ଯାତନା ଓ ଅପହରଣ ପାଇଁ ଆଇନ

ବଡ଼ କଥା ହେଲା ପୀଡ଼ିତାର ପରିଚୟ କୌଣସି ପରିସ୍ଥିତିରେ ସର୍ବସାଧାରଣରେ ବା ଖବରକାଗଜ ବା ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରକାଶିତ ହୋଇ ପାରିବ ନାହିଁ । ସେମିତି ହେଲେ ଦଫା- ୭୨ ଓ ୭୩ ଅନୁଯାୟୀ ସଂପୃକ୍ତ ବ୍ୟକ୍ତିଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନାର ବ୍ୟବସ୍ଥା ରହିଛି । ଯୌନ ନିର୍ଯାତନା ପାଇଁ ଦଫା ୭୪, ଯୌନ ଉତ୍ପୀଡ଼ନ ପାଇଁ ଦଫା ୭୫, ମହିଳାଙ୍କୁ ଜାଣିଶୁଣି ଆଘାତ ବା ଜନାକାରି ମାମଲାରେ ଦେଲେ ଦଫା-୭୬, ଯୌନ ଇଙ୍ଗିତ ପ୍ରଦର୍ଶନ କଲେ ଦଫା ୭୭, ଅଶାଳୀନ ଇଙ୍ଗିତ ବା କମେଣ୍ଟ କଲେ ଦଫା-୭୭, ଖରାପ ମନୋବୃତ୍ତି ନେଇ ଅନୁସରଣ କଲେ ଦଫା- ୭୮ ଆଦି ରହିଛି । ଯେଉଁଥିରେ ସର୍ବନିମ୍ନ ୫ ବର୍ଷରୁ ୭ ବର୍ଷ ଯାଏ କାରାଦଣ୍ଡର ବ୍ୟବସ୍ଥା ରହିଛି । ବିବାହିତ ସ୍ୱାମୀ ବୋଲି ପରିଚୟ ଦେଇ ଶାରୀରିକ ସଂପର୍କ ରଖିଲେ ଦଫା- ୮୧ ଅନୁଯାୟୀ ୧୦ ବର୍ଷ ସଶ୍ରମ କାରାଦଣ୍ଡ, ବିବାହ ବିଚ୍ଛେଦ ନ ହୋଇ ସ୍ତ୍ରୀ ଜୀବିତ ଅବସ୍ଥାରେ ଅନ୍ୟ ଜଣେ ମହିଳା ସହ ଯୌନ ସଂପର୍କ ସ୍ଥାପନ କଲେ ୭ ବର୍ଷ କାରାଦଣ୍ଡ ଓ ଜରିମାନା, ଦଫା- ୮୨ ଅନୁଯାୟୀ ବେଆଇନ ବିବାହ କଲେ ୭ ବର୍ଷ କାରାଦାଣ୍ଡ, ପର ସ୍ତ୍ରୀ ଜାଣି ବି ଶାରୀରିକ ସଂପର୍କ ରଖିଲେ ଦଫା- ୮୫ ଅନୁଯାୟୀ ୩ ବର୍ଷ ଜେଲଦଣ୍ଡ, ସେହିପରି ମହିଳା, ଶିଶୁ, ନାବାଳିକା ପ୍ରମୁଖଙ୍କୁ ଅପହରଣ କଲେ ଦଫା – ୮୭ରେ ୧୦

ବର୍ଷ ଜେଲଦଣ୍ଡ, ଧାରା- ୮୮ ଅନୁଯାୟୀ ବେଆଇନ ଗର୍ଭପାତ କରାଇଲେ ଧାରା- ୮୮ ଅନୁଯାୟୀ ୭ ବର୍ଷ ଜେଲଦଣ୍ଡ, ଧାରା- ୮୯ ଅନୁଯାୟୀ ଗର୍ଭପାତ ବେଳେ ପୀଡ଼ିତାର ମୃତ୍ୟୁ ହେଲେ ଆଜୀବନ ଜେଲ, ନବଜାତ ଶିଶୁର ମୃତ୍ୟୁର ପରୋକ୍ଷ ବ୍ୟବସ୍ଥା କଲେ ଦଫା- ୯୧ ଅନୁଯାୟୀ ୧୦ ବର୍ଷ ଜେଲଦଣ୍ଡ , ପୀଡ଼ିତା ମହିଳାର ମୃତ ଶରୀରକୁ ଲୁଚାଇବାକୁ ଚେଷ୍ଟା କଲେ ଦଫା- ୯୪ ଅନୁଯାୟୀ ୨ ବର୍ଷ ଜେଲ ଦଣ୍ଡ ବ୍ୟବସ୍ଥା ରହିଛି । ସେହିପରି ଶିଶୁ କନ୍ୟାକୁ ବେଆଇନ କାମରେ ଲଗେଇବାକୁ ଅପହରଣ କରି ନେଲେ ଦଫା- ୯୭ ଅନୁଯାୟୀ ୭ ବର୍ଷ ଜେଲଦଣ୍ଡ, ନାବାଳିକା ଝିଅକୁ ଚୋରି କରି ନେଇ ବେଶ୍ୟାବୃତ୍ତିରେ ଲଗାଇଲେ ଦଫା- ୯୮ ଅନୁଯାୟୀ ୧୦ ବର୍ଷ ଜେଲ ଦଣ୍ଡ ଓ ଏହି କାମ ପାଇଁ ନାବାଳିକା କନ୍ୟାକୁ କିଣି ନେଲେ ଦଫା ୯୯ ଅନୁଯାୟୀ ସର୍ବନିମ୍ନ ୧୪ ବର୍ଷ ଜେଲ ଦଣ୍ଡ ବ୍ୟବସ୍ଥା ରହିଛି ।

ସୁସ୍ଥ, ସଭ୍ୟ, ସ୍ୱାଧୀନ ଭାବରେ ମହିଳାମାନେ କର୍ମକ୍ଷେତ୍ରରେ ନିଜର କାର୍ଯ୍ୟ ସମାପନ ପାଇଁ ପ୍ରତି ନାରୀକୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯାଇଛି । ଲିଙ୍ଗଗତ ବୈଷମ୍ୟତାର ଶିକାର ନ ହେବାକୁ ମହିଳାମାନଙ୍କର ସାଂବିଧାନିକ ଅଧିକାର ରହିଛି । ଏନେଇ ଆମ ଦେଶରେ ୧୯୭୫ ମସିହାରେ ଇକ୍ୟୁଆଲ୍ ରେମୁନେରେସନ୍ ଆକ୍ଟ ପ୍ରଣୀତ ହୋଇ କାର୍ଯ୍ୟ କରୁଛି । ସେହିପରି ୧୯୬୧ ମସିହାରୁ ମେଟର୍ନିଟି ବେନିଫିଟ୍ ଆକ୍ଟ, କର୍ମ କ୍ଷେତ୍ରରେ ସମାନ ସୁବିଧା ତଥା ଅଧିକାର ପାଇଁ ୨୦୧୩ ମସିହାରେ "The Sexual Harassment of Women at Workplace (Prevention, Prohibition and Redressal) Act" ମଧ୍ୟ କାର୍ଯ୍ୟ କରୁଛି ।



## ଆତ୍ମରକ୍ଷା ଅଧିକାର

ଭାରତୀୟ ପିଙ୍ଗଳ କୋଡ୍‌ର ଦଫା ୧୦୦ ଯାହାକୁ ଏବେ ଭାରତୀୟ ନ୍ୟାୟ ସଂହିତାର ଦଫା ୩୮ ରେ ଯେ କେହି ଆତ୍ମରକ୍ଷା ଅଧିକାର ପାଇଛି । ଅପହରଣ, ହିଂସା କିମ୍ବା ଆକ୍ରମଣ ପ୍ରତିରୋଧ ପାଇଁ ନିଜର ଶରୀର କିମ୍ବା ଜୀବନ ପ୍ରତି ବିପଦ ଥିଲେ ଏହାର ସୁରକ୍ଷା କରିବାକୁ ଯାଇ କୌଣସି ପ୍ରକାରର ପ୍ରତିରୋଧ କରିବାର, ଯେ କୌଣସି କାର୍ଯ୍ୟପନ୍ଥାକୁ ଅପରାଧ ଶ୍ରେଣୀ ବହିର୍ଭୂତ କରାଯାଇଛି ।

ପରିବାର ଭିତରେ ପ୍ରତିଦିନ ଘରର ବହୂ, ଝିଅ, କିମ୍ବା ସ୍ତ୍ରୀ ପାରିବାରିକ ହିଂସାର ଶିକାର ହେଉଥିବା ଖବର ଗଣମାଧ୍ୟମରେ ପ୍ରକାଶିତ ହେଉଛି । ମହିଳାମାନେ ପରିବାର ମଧ୍ୟରେ ରହି ସମ୍ମାନର ସହ ବଞ୍ଚିବା ପାଇଁ ଘରୋଇ ହିଂସା ନିରୋଧ ଆଇନ ଧାରା ୧୨ରେ ସେମାନଙ୍କୁ ଅଧିକାର ଦିଆଯାଇଛି । ସେହିପରି ନିଜ ପରିବାର ମଧ୍ୟରେ ସ୍ୱାମୀ କିମ୍ବା ଶ୍ୱଶୁର ଘର ଲୋକମାନଙ୍କ ଦ୍ୱାରା ଅସମ୍ମାନିତ, ଅଶାଳୀନ, ଅଭଦ୍ରୋଚିତ ବ୍ୟବହାର ରୋକିବା ପାଇଁ ଏହି ଆଇନରେ ବିଶଦ ଭାବରେ ବର୍ଣ୍ଣିତ ହୋଇଛି । ସବୁପରେ ବି ମହିଳାମାନଙ୍କର ଆର୍ଥିକ ମାନଦଣ୍ଡ, ଉଚ୍ଚମାନର ଖର୍ଚ୍ଚ ପାଇଁ ମହିଳାମାନେ ହିଂସାର ଶିକାର ହୋଇ ମଧ୍ୟ ଆଇନଗତ ସହାୟତା ପାଇଁ ନ୍ୟାୟାଳୟକୁ ଯିବାକୁ ସଂକୋଚବୋଧ କରୁଥିବାରୁ ସେମାନଙ୍କୁ ସହାୟତାର ହାତ ବଢ଼ାଇଛି ଜିଲ୍ଲା ଆଇନ ସହାୟତା କେନ୍ଦ୍ର । ଯାହା ଫଳରେ ମାଗଣା ଆଇନ ସହାୟତା ପ୍ରାଧିକରଣ ସହଯୋଗରେ ସେମାନଙ୍କ ବିରୁଦ୍ଧରେ ହେଉଥିବା ଅନ୍ୟାୟକୁ ସେମାନେ ପ୍ରତିରୋଧ କରିବାକୁ ସାହସ ଜୁଟାଇ ପାରୁଛନ୍ତି ।

The Sexual Harassment of Women at Workplace (Prevention, Prohibition, and Redressal) Act, 2013 ବା କର୍ମକ୍ଷେତ୍ରରେ ମହିଳାମାନଙ୍କ ଅସମ୍ମାନିତ ନିବାରଣ ତଥା ଅଭିଯୋଗ ସୁରକ୍ଷା ଆଇନ ୨୦୧୩ ପ୍ରଣୀତ ହୋଇଛି । ଏହି ଆଇନ କର୍ମକ୍ଷେତ୍ରରେ ଅସହାୟତା ଅନୁଭବ ନ କରିବାକୁ ସହାୟତା ପ୍ରଦାନ କରିଥାଏ । ଯଦ୍ୱାରା କର୍ମକ୍ଷେତ୍ରରେ କର୍ମଜୀବୀ ମହିଳାମାନେ ସୁସ୍ଥ ବାତାବରଣ ମଧ୍ୟରେ ସୁରକ୍ଷିତ ଭାବରେ ନିଜକୁ ଅସହାୟତା ଅନୁଭବ କରିବେ ନାହିଁ । ଏହି ଆଇନ ଅନୁଯାୟୀ ପ୍ରତ୍ୟେକ କାର୍ଯ୍ୟାଳୟଗୁଡ଼ିକରେ ଅନ୍ତର୍ନିହିତ କମିଟି ଗଠନ କରାଯିବା ବାଧ୍ୟତାମୂଳକ ଅଟେ । ଅଭିଯୋଗ ଆସିଲେ ତୁରନ୍ତ ଏହି ଅଭିଯୋଗର ତଦନ୍ତ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।

The Prohibition of Child Marriage Act,2006 ବାଲ୍ୟ ବିବାହ ନିରୋଧ ଆଇନ ୨୦୦୬ ଅନୁଯାୟୀ ନାବାଳିକା କନ୍ୟା, ଯାହାର ବୟସ ୧୮ ବର୍ଷରୁ କମ୍, ତା'ର ଅଧିକାର ସୁରକ୍ଷା ପାଇଁ ବିବାହକୁ ବାରଣ କରାଯାଇଛି । ଏହି ଆଇନ ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟର ସୁରକ୍ଷା ସହ ଶିକ୍ଷିତ କରିବାର ଲକ୍ଷ୍ୟ ରଖିଛି ।

The Indecent Representation of Women (Prohibition) Act, 1986, ମହିଳାମାଙ୍କର ଅଶାଳୀନ ଫଟୋ, ଅଶ୍ଳୀଳ ଭିଡିଓ, ନଗ୍ନ ଶରୀରକୁ ଗଣମାଧ୍ୟମରେ ବା ବିଜ୍ଞାପନ ମାଧ୍ୟମରେ ପ୍ରଦର୍ଶିତ ନକରିବା ପାଇଁ ବାରଣ କରି ୧୯୮୬ ମସିହାରେ ମହିଳାମାନଙ୍କୁ ଅସମ୍ମାନ ସୂଚକ ଇଙ୍ଗିତ ନିରୋଧ ଆଇନ ପ୍ରଣୀତ କରାଯାଇଛି । ସେହିପରି ମହିଳାମାଙ୍କର ଅଧିକାର, ସ୍ୱାର୍ଥ, ସମ୍ମାନର ସୁରକ୍ଷା କ୍ଷେତ୍ରରେ ବିଚାର ପାଇଁ ବିଚାରାଳୟଗୁଡ଼ିକରେ ଅହେତୁକ ବିଳମ୍ବ ହେଉ ଥିବାରୁ ଭାରତ ସରକାର ୧୯୯୦ ମସିହାରେ 'ଜାତୀୟ ମହିଳା କମିଶନ' ଗଠନ କରିଛନ୍ତି । ଏହା ଅଧୀନରେ ସବୁ



ରାଜ୍ୟରେ 'ରାଜ୍ୟ ମହିଳା କମିଶନ' ପ୍ରତିଷ୍ଠା କରାଯାଇ ସମାନ କ୍ଷମତା ମଧ୍ୟ ପ୍ରଦାନ କରାଯାଇ ମହିଳାମାନଙ୍କୁ ନ୍ୟାୟ ଦେବାର ସହାୟତା କାର୍ଯ୍ୟ କରୁଛନ୍ତି ।

ଭାରତ ବର୍ଷରେ ମହିଳାମାନଙ୍କ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ଆଇନ ବ୍ୟବସ୍ଥା କରାଯାଇଛି । ମହିଳାମାନେ ଘରୋଇ ହିଂସାରୁ ସୁରକ୍ଷା ପାଇଁ ମହିଳା ସଂଗଠନଗୁଡ଼ିକର ଭୂମିକା ସର୍ବାଗ୍ରେ । ଏହା ମାନବିକ ଅଧିକାର ସୁରକ୍ଷା କ୍ଷୁଣ୍ଣ କରୁଥିବାରୁ ଏହାର ନିରାକରଣ ମଧ୍ୟ ଜରୁରି । ସେହିପରି ଦୀର୍ଘ ମିଆଦି କାଉନସିଲିଂ, ଆବଶ୍ୟକୀୟ ବାସଗୃହ, ପିଲାମାନଙ୍କ ରହଣି ସୁବିଧା, ପର୍ଯ୍ୟାପ୍ତ ଆଇନ ସହାୟତା, ନିଯୁକ୍ତି ସୁଯୋଗ ଘରୋଇ ହିଂସାରୁ ମହିଳାମାନଙ୍କୁ ରୋକିବାରେ ସହାୟକ ହେବ ।

ଆଇନଜୀବୀ, ଭଦ୍ରକ
ମୋ: ୯୪୩୭୧୨୮୮୪୧

## ଯୌତୁକ ନିରୋଧ ଆଇନ



ଏକ ସୁସ୍ଥ ତଥା ଯୌତୁକବିହୀନ ସମାଜ ଗଠନ ପ୍ରୟାସରେ ଗତ ୧୯୬୧ ମସିହାରୁ ବିବାହିତ ମହିଳାମାନଙ୍କୁ ଯୌତୁକ ରାକ୍ଷସ କବଳରୁ ବଞ୍ଚେଇବା ପାଇଁ 'ଯୌତୁକ ନିରୋଧ ଆଇନ' ପ୍ରଣୟନ କରାଯାଇଛି । ବିବାହ ସମୟରେ କିମ୍ବା ବିବାହ ପରେ ବିବାହିତା ବଧୂକୁ ସ୍ୱାମୀ କିମ୍ବା ତାଙ୍କ ସଂପର୍କୀୟମାନେ ଯୌତୁକ ଦାବି କରି ଶାରୀରିକ କିମ୍ବା ମାନସିକ ନିର୍ଯାତନା ଦେଲେ ସଶ୍ରମ କାରାଦଣ୍ଡ ସହ ଜରିମାନା ଆଦାୟ ହେବାର ବ୍ୟବସ୍ଥା ରହିଛି । ଏହି ଆଇନ ଅନୁଯାୟୀ ଯୌତୁକ ନେବା କିମ୍ବା ଦେବା ଉଭୟ ଅପରାଧ ଶ୍ରେଣୀ ଭୁକ୍ତ । ସେହିପରି ବିବାହର ୭ ବର୍ଷ ମଧ୍ୟରେ ବିବାହିତା ମହିଳାଙ୍କର ଅସ୍ୱାଭାବିକ ଭାବରେ ମୃତ୍ୟୁ ହେଲେ ଓ ତାଙ୍କ ପରିବାର ଲୋକମାନେ ସେ ବଞ୍ଚି ଥିବା ବେଳେ ଯୌତୁକ ଦାବିର ଆରୋପ ଆଣୁଥିଲେ, ସେହି ବଧୂର ମୃତ୍ୟୁକୁ ଯୌତୁକଜନିତ ବଧୂହତ୍ୟା କୁହାଯିବାକୁ ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୩୦୪(ଖ) ଓ ଏବେ ଭାରତୀୟ ନ୍ୟାୟ ସଂହିତାର ଧାରା ୮୦ରେ ଆଇନ ପ୍ରଣୟନ ହୋଇଛି । ଏଥିପାଇଁ ସର୍ବନିମ୍ନ ୭ ବର୍ଷ ସଶ୍ରମ କାରାଦଣ୍ଡ କିମ୍ବା ଆଜୀବନ ଜେଲ ଦଣ୍ଡ ସହ ଜରିମାନା ବ୍ୟବସ୍ଥା ରହିଛି ।




# ନୀତି ଅନୀତି ରାଜନୀତି

ଶ୍ରୀବିଦୂର



## ହରିକାଠରେ ପଦ୍ମ ଦଳ

ପଦ୍ମ ଦଳର ନୀଳଗିରି ନେତା ଖଟୁଆ ବାବୁ ଭାରି ପାଠୁଆ; ବିଜ୍ଞାନରେ ସ୍ନାତକୋତ୍ତର ସହ ଏମ୍‌ବିଏ ବି ପଢ଼ିଛନ୍ତି । ସେଥିପାଇଁ ଖଟୁଆ ଦମ୍ପତି ବାଣିଜ୍ୟ ବ୍ୟବସାୟରେ ଭାରି ଉନ୍ନତି କରି ଚାଲିଛନ୍ତି । ଶୁଣିବା କଥା ହେଲା ସିଏ ନିଜେ ପନିପରିବା, ବାଉଁଶ ଓ ଘର ତିଆରି ସାମଗ୍ରୀ କାରବାର ଚଳାନ୍ତି ଏବଂ ତାଙ୍କ ପତ୍ନୀ ସବାଇ ଘାସ ଦଉଡ଼ି ଟ୍ରେଡ଼ିଂ କରନ୍ତି । ସନ୍ତୋଷଙ୍କ ସତ୍ୟପାଠରେ ଗଲା ପାଞ୍ଚ ବର୍ଷ ଭିତରେ ଖଟୁଆ ଦମ୍ପତିଙ୍କ ଆୟ ଯଦିଓ ଅଧା କମିଥିବା ଉଲ୍ଲେଖ ଅଛି, ତଥାପି ଦିହିଁଙ୍କ ବ୍ୟବସାୟ ଅର୍ଜିତ ଧନରେ ପରିବାର ସୁରୁଖୁରୁରେ ଚାଲିଥିବା ବୋଲି ବିଶ୍ୱାସ ହେଉଛି । ତେବେ ନିଜ ଅମାନିଆ ତୁଣ୍ଡ ପାଇଁ ବାରମ୍ବାର ସନ୍ତୋଷ ଅଡ୍ଡୁଆକୁ ନିମନ୍ତ୍ରଣ କରୁଥିବା ଦେଖାଯାଉଛି । କେଇ ମାସ ତଳେ ଜଣେ ପ୍ରତିପକ୍ଷ ନେତ୍ରୀଙ୍କ ପ୍ରତି ତାଙ୍କର ଅସମ୍ମାନଜନକ ଟିପ୍ପଣୀକୁ ନେଇ ରାଜ୍ୟ ହୁଲସ୍ଥୁଲ ହେଲା, କଥା ସଂସଦରେ ବି ଉଠିଲା । ସେତେବେଳ ପଦ୍ମ ଦଳିଆ ନେତାମାନେ ସନ୍ତୋଷଙ୍କୁ ଆକଟ କଲେ ନାହିଁ; ଆଉ ଏବେ ସନ୍ତୋଷଙ୍କ ଅମାନିଆ ତୁଣ୍ଡ ଯୋଗୁ ହରିକାଠରେ ପଡ଼ି ପଦ୍ମ ଦଳ ଛଟପଟ ହେଉଛି । ବିଧାନସଭାରେ ଜାତିର ପିତାଙ୍କ ପ୍ରତି ଅସମ୍ମାନଜନକ ଟିପ୍ପଣୀକୁ ବିରୋଧୀ ଯେପରି ଗଣ୍ଠି କରିଛନ୍ତି, ତାହା ଏତେ ସହଜରେ ଫିଟିବା ପରି ଲାଗୁନାହିଁ । ଯଦିଓ ସନ୍ତୋଷ ବିଧାନସଭାରେ ତ୍ରୁଟି ସ୍ୱୀକାର କରିଛନ୍ତି ଓ ବିଧାନସଭା ବିବରଣୀରୁ ସନ୍ତୋଷଙ୍କ ମନ୍ତବ୍ୟକୁ ହଟାଇବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି; ତଥାପି ବିରୋଧୀ ଏପରି ସୁଯୋଗକୁ ହାତଛଡ଼ା କରିବାକୁ ଚାହୁଁ ନାହାନ୍ତି । କଥାରେ ଅଛି ପରା - ଯେତେ କହିଲେ ଭାଗବତ, ତୋଷ ନୁହଁଇ ମୋର ଚିତ୍ତ । ଏ କଥା ସନ୍ତୋଷ ହେଜୁନାହାନ୍ତି, ପଦୁଅଁ ନେତା ବି ବୁଝୁ ନାହାନ୍ତି । ■




## ପାଢ଼ୀ ବାବୁଙ୍କ ଭାରି ପାୱାର

ଆମ ଆସ୍କା ନେତା ପାଢୀବାବୁ କେତେ ପାୱାରଫୁଲ ଓ ସରକାରରେ ତାଙ୍କର କେତେ ଧାକ୍ ଅଛି ତାହା ଏବେ ଜଣାପଡ଼ିଛି । ସେଥିପାଇଁ ଜୁଆଖେଳକୁ ପାଢ଼ୀବାବୁଙ୍କ ସମର୍ଥନ ଓ ସରକାରଙ୍କ ନିଷ୍ପତ୍ତି ଯେ କେବେ କାକତାଳୀୟ ହୋଇଥିବା ବିଶ୍ୱାସ କରିହେଉ ନାହିଁ । ଗଲାସନ ପାଢ଼ୀ ବାବୁ ଗଞ୍ଜାମରେ ଜୁଆ ଖେଳ ସମ୍ପର୍କରେ କିଛି ଟିପ୍ପଣୀ ଦେଇଥିବା ଅନେକଙ୍କ ମନେଥିବ । କେଉଁ କାଳରୁ ପାରମ୍ପରିକ ଭାବରେ ଗଞ୍ଜାମରେ ଜୁଆ ଖେଳ ହୋଇ ଆସୁଛି ବୋଲି ଉଲ୍ଲେଖ କରି ପାଢ଼ୀବାବୁ ଏହା ସପକ୍ଷରେ ଯୁକ୍ତି କରିଥିଲେ । ମାତ୍ର ସରକାର ସତରେ ପାଢ଼ୀବାବୁଙ୍କ କଥାକୁ ଦେହକୁ ନେଇ ଜୁଆ ଖେଳ ନିମନ୍ତେ ଦଣ୍ଡରୁ ଜେଲକୁ ହଟାଇଦେବେ ଏ କଥା କେହି କଳ୍ପନା କରି ନ ଥିଲେ । ନିକଟରେ ସରକାର ବିଧାନସଭାରେ ଆଣିଥିବା ଜନ ବିଶ୍ୱାସ ବିଲ୍‌ରେ ଏପରି ବ୍ୟବସ୍ଥା କରାଯାଇଛି । ଯିଏ ଯେତେ ଜୁଆ ଖେଳିଲେ ବି ଆଉ ଜେଲ ଯିବାକୁ ପଡ଼ିବ ନାହିଁ ଓ ପ୍ରତିବଦଳରେ ଟଙ୍କା ପାଞ୍ଚ ହଜାର ଦେଇ ଜୁଆଡ଼ି ମୁକୁଳି ପାରିବେ ବୋଲି ସରକାର ନୂଆ ନିୟମ କରିଛନ୍ତି । ଆଦିବାସୀ ପ୍ରଭାବିତ ଜିଲ୍ଲାଗୁଡ଼ିକରେ କୁକୁଡ଼ା ଲଢ଼େଇରେ ଦିନକୁ ଲକ୍ଷଲକ୍ଷ ଟଙ୍କା ଉଡ଼େ; କୁକୁଡ଼ା ଲଢ଼େଇ ବାଜି (ଜୁଆ) ଖେଳାଉଥିବା ଲୋକ ଦିନକୁ ଲକ୍ଷଲକ୍ଷ ରୋଜଗାର କରେ ସିନା, ହଜାର ହଜାର ଲୋକ କାଙ୍ଗାଳ ହୁଅନ୍ତି । ଗଞ୍ଜାମ, ଗଜପତି ଓ ଦକ୍ଷିଣ ଓଡ଼ିଶାର ଅନ୍ୟ ଅଞ୍ଚଳଗୁଡ଼ିକରେ ଘୁଡ୍ଡୁଘୁଡ଼ି ପଚ୍ଚି ଓ ଜୁଆ ଖେଳ ଗାଁ ଗାଁରେ ଚାଲେ; ଶହଶହ ଲୋକଙ୍କ ସଂସାର ଉଜୁଡ଼େ ଓ କୁଜିନେତାଙ୍କୁ ପୋଷୁଥିବା ଜୁଆଡ଼ି ଟଙ୍କା ବ୍ୟାଗ ଧରି ଘରକୁ ଫେରେ । ସେଥିରୁ ଟଙ୍କା ପାଞ୍ଚ ହଜାର ଜୋରିମାନା ଦେଲେ କୋଉ ଭାସି ଯିବ? ସବୁଦିନ ଖେଳ ଚାଲୁ, ଘରକୁ ଲକ୍ଷେ ଆସୁ, ପାଞ୍ଚ ହଜାର ଜୋରିମାନା ବି ଜାରି ରହୁ । ■



## ନ କହିଲେ କୁଳ ଭାସି ଯାଉଛି

ଓଡ଼ିଆ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଶାଢ଼ିର ଆଦର ଦେଶ ବିଦେଶରେ ଏବେ ନୁହେଁ, କେଉଁ କାଳରୁ ରହି ଆସିଛି । ଓଡ଼ିଆ ସାଧବପୁଅମାନେ ବାଉଁଶ ନଳ ଭିତରେ ସେତେବେଳେ ଓଡ଼ିଶା ହସ୍ତତନ୍ତ ଶାଢ଼ି ନେଇ ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଦ୍ୱୀପକୁ ବିକ୍ରି ପାଇଁ ନେଉଥିବା କଥା ଆମେ ପିଲା ଦିନରୁ ପଢ଼ି ଆସିଛୁ । ଆମର ପୂର୍ବତନ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ବି ବିଭିନ୍ନ ସମୟରେ ଓଡ଼ିଶାରେ ପ୍ରସ୍ତୁତ ପାଟ, ମଠା, ବନ୍ଧ ଶାଢ଼ି ପିନ୍ଧି ବିନା ମୂଲ୍ୟରେ ହସ୍ତତନ୍ତ ପାଇଁ ବ୍ରାଣ୍ଡ ଆମ୍ବାସଡ଼ାର ସାଜିଛନ୍ତି । ମଣିଷ କମ୍ପ୍ୟୁଟର ଭାବରେ ପରିଚିତ ଶକୁନ୍ତଳା ଦେବୀଙ୍କ ଚରିତ୍ରରେ ଅଭିନୟ ସମୟରେ ଓଡ଼ିଆ ବର୍ଣ୍ଣମାଳା ଓ ସଂଖ୍ୟା ଲିଖିତ ପାଟ ଶାଢ଼ି ପିନ୍ଧି ବିଦ୍ୟା ବାଲାନ୍ ଏହାର ମହତ୍ୱ ବଢ଼ାଇଛନ୍ତି । ହେଲେ ଦୁଇ କୋଟି ଟଙ୍କା ଖର୍ଚ୍ଚ କରି ମାଧୁରୀ ଦୀକ୍ଷିତଙ୍କୁ ନବକୋଠୀ ପାଟ ଶାଢ଼ି ପିନ୍ଧାଇବା ଯୋଜନା ଓ ପ୍ରସ୍ତାବ କାହା ଉର୍ବର ମସ୍ତିଷ୍କରୁ ଉଦ୍ଭବ ହେଲା, ସେହି ମହାନୁଭବଙ୍କୁ ଏବେ ଓଡ଼ିଶାବାସୀ ଖୋଜୁଛନ୍ତି । ମାଧୁରୀଙ୍କୁ ବ୍ରାଣ୍ଡ ଆମ୍ବାସଡ଼ାର କରିବା ପରେ ବିଦେଶକୁ ଓଡ଼ିଶା ହସ୍ତତନ୍ତ ସାମଗ୍ରୀର ରପ୍ତାନୀ ଅଧାରୁ କମ୍ ହୋଇ ଯାଇଥିବା ଖବର ମିଳିବା ପରେ ସେହି ମାଧୁରୀ ପ୍ରେମୀ ବୟନ ବିଭାଗ ବଡ଼ ଅଧିକାରୀ କିଏ ତାହା ଜାଣିବା ପାଇଁ ଅନେକ ସ୍ୱାଭାବିକ ଉତ୍ସୁକ । ବିଧାନସଭା ତଥ୍ୟ ଅନୁସାରେ ୨୦୨୨-୨୩ରେ ଓଡ଼ିଶାରୁ ୩.୪୫ କୋଟିରୁ ଊର୍ଦ୍ଧ୍ୱ ହସ୍ତତନ୍ତ ବିଦେଶକୁ ରପ୍ତାନୀ ହୋଇଥିଲା । ମାତ୍ର ମାଧୁରୀଙ୍କୁ ଆମ୍ବାସଡ଼ାର କରି ୨ କୋଟି ଟଙ୍କା ଖର୍ଚ୍ଚ କରିବା ପରେ (୨୦୨୪-୨୫ ବର୍ଷରେ) ଏହି ରପ୍ତାନୀ ପରିମାଣ ୧.୮୮ କୋଟିକୁ ଖସି ଯାଇଛି । ତେଣୁ ମାଧୁରୀଙ୍କୁ ନିମନ୍ତ୍ରଣ କେଉଁଥି ପାଇଁ? ■



## ବୋହୂଙ୍କ ଧମକ, ପୁଅ ନିରବ

ପଶ୍ଚିମବଙ୍ଗ ଦିଦି ମମତାଙ୍କ ନିଘନ ସହଯୋଗୀ କୃଷ୍ଣନଗର ସାଂସଦ ମହୁଆ ମୋଇତ୍ର ନିଃସନ୍ଦେହରେ ଜଣେ ଅଗ୍ନିବର୍ଷୀ ନେତ୍ରୀ, ଏଥିରେ କାହାର ସନ୍ଦେହ ନାହିଁ । ଗଲାସନ ଝାରସୁଗୁଡ଼ାରେ ଘଟିଥିବା ଏକ ଘଟଣାକୁ ନେଇ ମହୁଆ ଓଡ଼ିଶା ସରକାରଙ୍କୁ ଦେଇଥିବା ଧମକକୁ ସମ୍ଭବତଃ ଅନେକ ଭୂଲି ନ ଥିବେ । ହେଲେ ଗଲା ଜ୍ୟେଷ୍ଠମାସରେ ପିନାକୀଙ୍କ ସାଙ୍ଗରେ ଜର୍ମାନୀରେ ମହୁଆଙ୍କ ଡ଼େଷ୍ଟିନେସନ ୱେଡ଼ିଂ ପରେ ଓଡ଼ିଆ ବୋହୂ ମହୁଆ ତାଙ୍କ ଶାଶୁଘର ରାଜ୍ୟବାସୀଙ୍କୁ ଆଉ ନାଲିଆଖି ଦେଖାଇବେ ନାହିଁ ବୋଲି ଯେଉଁମାନେ ମନେମନେ ଭାବୁଥିଲେ, ସେମାନଙ୍କ ସେହି ଭାବନା ଧୂଳିସାତ ହୋଇ ଯାଇଛି । କେଇଦିନ ତଳେ ଓଡ଼ିଶାର ଡିଜି ଓ ନୟାଗଡ଼ ଏସ୍‌ପିଙ୍କୁ ମହୁଆ 'ଏକ୍ସ'ରେ ଦେଇଥିବା ଚେତାବନୀ ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି । ନୟାଗଡ଼ର ଏକ ଘଟଣାର ଅବତାରଣା କରି ପଶ୍ଚିମବଙ୍ଗରେ କାମ କରୁଥିବା ଓଡ଼ିଆ ମାଳି, ରୋଷେଇଆ, ପାଇପ୍ ମିସ୍ତ୍ରୀଙ୍କ ପ୍ରତି ତାଙ୍କ (ଟିଏମ୍‌ସି) ସରକାର ଯଦି ସେପରି ବ୍ୟବହାର କରେ ତେବେ ପରିସ୍ଥିତି କ'ଣ ହେବ ବୋଲି ଧମକ ଶୁଣିବା ପରେ ଓଡ଼ିଶାର ଅନେକ ଲୋକ ଏବେ କେବଳ ପିନାକୀଙ୍କ 'ଏକ୍ସ' ହ୍ୟାଣ୍ଡଲ ଖେଳାଉଥିବା ଦେଖିବାକୁ ମିଳିଛି । ଅବଶ୍ୟ ଏହି ଲୋକମାନେ ଆମ ଓଡ଼ିଆରେ ପ୍ରଚଳିତ 'ନୂଆ ଗୋରୁକୁ ମାସେ, ନୂଆ ବୋହୂକୁ ବର୍ଷେ' କଥାଟିକୁ ବୋଧେ ଭୁଲି ଯାଇଛନ୍ତି । ନୂଆ ଗୋରୁକୁ ମଣ କରିବାକୁ ଯେମିତି ଅନ୍ୟୂନ ମାସେ ସମୟ ଲାଗେ, ସେମିତି ନୂଆ ବୋହୂ ପରିବାର ସଂସ୍କାର ବୁଝିବାକୁ ପ୍ରାୟ ବର୍ଷେ ଲାଗିଯାଏ । ଏବେ ତ ବାହାଘରକୁ ମାତ୍ର ସାତମାସ ପୂରିଛି; ଏବେ ଯଦି ବୋହୂ କିଛି କହିଦେଲା, ସେଥିରେ ଏତେ ଅଭିମାନ କଲେ ହେବ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।